RNI No.ODIODI/2010/33031
୧୬ ବର୍ଷ Volume-16
ISSUE -276 ସଂଖ୍ୟା-୨୭୬
ଭୁବନେଶ୍ୱର, ଶନିବାର ୧୭ ଜାନୁଆରୀ ୨୦୨୬
Bhubaneswar, Saturday 17 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ବ୍ରିହାନ ମୁମ୍ବାଇ ମହାନଗର ନିଗମରେ ବିଜେପି-ଶିବସେନା ମେଣ୍ଟ ବିଜୟୀ

ମୁମ୍ବାଇ,୧୬।୧ : ସତ ହୋଇଛି ବିଜେପି ନେତୃତ୍ୱାଧୀନ ମହାଯୁତିର ସ୍ୱପ୍ନ। ମୁମ୍ବାଇ ଦଖଲ ପାଇଁ ମେଣ୍ଟ ଦେଖିବା ସ୍ୱପ୍ନ ସାକାର ହୋଇଛି। ମୁମ୍ବାଇ ମୁକୁଟ ଦଖଲ କରିଛନ୍ତି ବିଜେପି-ଶିବସେନା ମେଣ୍ଟ। ବ୍ରିହାନ ମୁମ୍ବାଇ ମହାନଗର ନିଗମ(ବିଏମସି) ନିର୍ବାଚନରେ ବିଜୟ ବାନା ଉଡାଇଛି ମହାଯୁତି। ଏସିଆର ସବୁଠାରୁ ଧନୀ ମହାନଗର ନିଗମକୁ ମହାଯୁତି ନିଜ ଦଖଲକୁ ନେବାକୁ ସକ୍ଷମ ହୋଇଛି। ୨୮ ବର୍ଷ ଧରି ବିଏମସି ଠାକରେ ପରିବାରର ଦୁର୍ଗ ଭାବେ ଛିଡା ହୋଇଥିଲା। କିନ୍ତୁ ମହାଯୁତିର ଝଡରେ ଭୁଶୁଡି ପଡିଛି ଠାକରେ ଦୁର୍ଗ। ପ୍ରଥମଥର ପାଇଁ ମହାଯୁତି ବିଏମସି ନିର୍ବାଚନ ଜିତିଛି। ଖାଲି ସେତିକି ନୁହେଁ, ଏବେ ବିଜେପି-ଶିବସେନାର ମେୟରଙ୍କ ରାଜୁତି ବିଏମସିରେ ଆରମ୍ଭ ହେବ। ମୁମ୍ବାଇ ପୌର ନିର୍ବାଚନରେ ବିଜେପିର ଐତିହାସିକ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀ



ଦେବେନ୍ଦ୍ର ଫଡନାଭିସ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ବିଜେପି ୨୦୧୭ ନିର୍ବାଚନ ରେକର୍ଡକୁ ଭାଙ୍ଗିଦେଇଛି। ୨୦୧୭ରେ ବିଜେପି ଏକାକୀ ୮୨ଟି ୱାର୍ଡ ଦଖଲ କରିଥିଲା। ଏବେ ଦଳ ବିଏମସିର ୨୨୭ ୱାର୍ଡରୁ ୯୦ଟି ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଦଳର ମୁମ୍ବାଇ ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟ ୩୧ଟି ଆସନରେ ଲିଡ କିମ୍ବା ବିଜୟ ହୋଇଛି। ତେଣୁ ମେୟରର ପଦ ହାତେଇବା ପାଇଁ ଆବଶ୍ୟକ ୧୧୬ ସଂଖ୍ୟାକୁ ଏମାନେ ବେଶ ସହଜରେ ହାସଲ କରିବା ସ୍ପଷ୍ଟ ହୋଇଛି। ୨୦୧୭ରେ ଅବିଭକ୍ତ ଶିବସେନା ବିଏମସିରେ ୮୪ଟି ଆସନ ଜିତିଥିଲା। ସେତେବେଳେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନାରେ ସିନ୍ଦେ ରହିଥିଲେ। ଏବେ ସେ ଅଲଗା ହୋଇ ଯାଇଛନ୍ତି। ବିଜେପି ତୁଳନାରେ ସିନ୍ଦେ ସେନାର ପ୍ରଦର୍ଶନ ସେତେଟା ଆଖି ଦୃଶିଆ ମଧ୍ୟ ହୋଇନାହିଁ। ବହୁ କଷ୍ଟରେ ଦଳ ପ୍ରାୟ ୩୧ଟି ୱାର୍ଡ ଜିତିବାରୁ ସକ୍ଷମ ହୋଇଛି। ଏଥିପାଇଁ ଏକନାଥ ସିନ୍ଦେ ଭୋଟ ଗଣତି ସମୟରେ ମଧ୍ୟ ଫଡନାଭିସ ଓ ବିଜେପି ନେତୃତ୍ୱାଧୀନ ମେଣ୍ଟର ପ୍ରଶଂସା କରିଛନ୍ତି। ଏହି ଜନାଦେଶକୁ ସେ ଦୁର୍ନୀତି ବିରୋଧରେ ଗୋଟିଏ ବିଜୟ ଭାବେ ଚିତ୍ରିତ କରିଛନ୍ତି। ଅନ୍ୟପକ୍ଷରେ ଉଦ୍ଧବ ଠାକରେଙ୍କ ଶିବସେନା ବିଏମସିର ପ୍ରାୟ ୭୨ଟି ଆସନରେ ଲିଡ ବା ବିଜୟୀ ହୋଇଛି। ଏହା ୨୦୧୭ ମସିହାରେ ଥିବା ୮୪ ଠାରୁ ଯଥେଷ୍ଟ କମ। ବିଏମସି ନିର୍ବାଚନ ପାଇଁ ୨୦ ବର୍ଷ ପରେ ଠାକେର ବ୍ରଦର୍ସ(ଉଦ୍ଧବ ଓ ରାଜ) ଏକାଠି ହୋଇଥିଲେ। କିନ୍ତୁ ସେମାନେ ନିଜର ଦୁର୍ଗକୁ ବଞ୍ଚାଇବାରେ ସକ୍ଷମ ହୋଇ ନାହାନ୍ତି। ତଥାପି ଉଦ୍ଧବ ଠାକରେ ଦଳର ଏ ପ୍ରଦର୍ଶନରେ ନିଶ୍ଚିତ ଆତ୍ମସନ୍ତୋଷ ଲାଭ କରିବେ।

## ସରକାରୀ କର୍ମଚାରୀଙ୍କୁ ଦେବାକୁ ହେବନି ଏନଓସି

ଭୁବନେଶ୍ୱର,୧୬।୧(ନି.ପ୍ର.): କୌଣସି ସରକାରୀ ଚାକିରି କିମ୍ବା ପରୀକ୍ଷା ପାଇଁ ସରକାରୀ ଚାକିରିଆଙ୍କ ପାଇଁ ଆଉ ବ୍ୟକ୍ତିଗତଭାବେ 'ନୋ ଆବଜେକ୍ସନ ସାର୍ଟିଫିକେଟ୍' ବା ଏନ୍‌ଓସି ନେବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର କର୍ମଚାରୀମାନଙ୍କ ପାଇଁ କ୍ୟାରିୟର ଉନ୍ନତି ପାଇଁ ବ୍ୟକ୍ତିଗତ ଏନ୍‌ଓସି ଆବଶ୍ୟକତାକୁ ଆନୁଷ୍ଠାନିକ ଭାବରେ ଉଚ୍ଛେଦ କରିଛନ୍ତି। ସମସ୍ତ କର୍ମଚାରୀଙ୍କ ପାଇଁ ସ୍ଥାୟୀ ଏନ୍‌ଓସି ଜାରି କରାଯାଇଛି।

ଜିଏ ଏବଂ ପିଜି ବିଭାଗ ଏହାର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଏକ ସ୍ଥାୟୀ ଅନୁମତି ବା ଏନ୍‌ଓସି ପତ୍ର ପ୍ରଦାନ କରିଛି। ଯଦ୍ୱାରା କୌଣସି କର୍ମଚାରୀଙ୍କୁ ପ୍ରତ୍ୟେକ ଆବେଦନ ପାଇଁ ବାରମ୍ବାର ନୂତନ ବିଭାଗୀୟ ଅନୁମୋଦନ ନେବାକୁ ଆବଶ୍ୟକ ପଡ଼ିବ ନାହିଁ। ଫଳରେ ସେମାନେ କୌଣସି ପ୍ରଶାସନିକ ପରୀକ୍ଷା ଯଥା ୟୁପିଏସସି, ଓପିଏସସି, ଏସଏସବି, ଓଏସଏସସି ଏବଂ ଓଏସ୍‌ଏସ୍‌ଏସସି ବିନା ଏନଓସି ଆବେଦନରେ ଦେଇପାରିବେ।

# ଆଉ ଦୁଇ ଜଣଙ୍କୁ ନିଲମ୍ବନ କଲେ ନବୀନ

ଭୁବନେଶ୍ୱର,୧୬।୧(ନି.ପ୍ର.): ବିଜୁ ଜନତା ଦଳରେ କାର୍ଯ୍ୟାନୁଷ୍ଠାନ ପରେ କାର୍ଯ୍ୟାନୁଷ୍ଠାନ ଚାଲିଛି। ଗୋଟିଏ ଦିନରେ ଦୁଇ ଦୁଇ ଜଣ ବିଧାୟକଙ୍କ ନିଲମ୍ବନ ପରେ ଶୁକ୍ରବାର ଆଉ ଦୁଇ ନେତାଙ୍କୁ ନିଲମ୍ବନ କରାଯାଇଛି। ଯାଜପୁର ଜିଲ୍ଲାରୁ ଦୁଇ ଜଣଙ୍କୁ ଏକାବେଳେ ଦଳ ବିରୋଧୀ କାର୍ଯ୍ୟପାଇଁ ନିଲମ୍ବନ କରାଯାଇଛି।

ଯାଜପୁର ବିଜେଡ଼ି ଜିଲ୍ଲା ପରିଷଦ ଅଧ୍ୟକ୍ଷା

## ଯାଜପୁରର ଦୁଇ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ନଳୀନିପ୍ରଭା ଜେନାଙ୍କୁ ନିଲମ୍ବନ କରାଯାଇଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ନିଲମ୍ବନ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତତ୍କାଳ ପ୍ରଭାବ ସ୍ୱରୂପ ନଳୀନିପ୍ରଭାଙ୍କୁ ନିଲମ୍ବିତ କରାଯାଇଛି।।

ଏହା ପୂର୍ବରୁ ଆଜି ଯାଜପୁର ଅନ୍ୟ ଜଣେ ନେତାଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ଯାଜପୁର ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଦଳବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ନିଲମ୍ବନ କରାଯାଇଥିବା ବିଜେଡି ଉପସଭାପତି ପ୍ରତାପ ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ, ଗତକାଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ



ମହାକୁଡଙ୍କୁ ନିଲମ୍ବିତ କରାଯାଇଥିଲା। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟ ଅରବିନ୍ଦ ଓ ସନାତନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ ଏବେ ବିଜେଡ଼ି ସଦସ୍ୟମାନେ ମାପି ଚୁପି କଥା ହେଉଛନ୍ତି। ସମସ୍ତେ କାରଣ ଜାଣି ନାହାଁନ୍ତି ଏବଂ ସଭାପତିଙ୍କ ନିଷ୍ପତ୍ତି ସର୍ବାଗ୍ରେ ବୋଲି ସଫେଇ ଦେଉଛନ୍ତି। ସନାତନ ମହାକୁଡ଼ ସବୁବେଳେ ବୈଠକରେ ରୁହନ୍ତି ଏବଂ ସହଯୋଗ କରନ୍ତି। ତେଣୁ ତାଙ୍କୁ କାହିଁକି ଦଳରୁ ନିଲମ୍ବିତ କରାଗଲା ଜାଣି ନାହିଁ। ସନାତନଙ୍କ ନିଲମ୍ବନକୁ ନେଇ ଏଭଳି ପ୍ରତିକ୍ରିୟା ରଖିଛନ୍ତି କେନ୍ଦୁଝର ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀ।

ସନାତନ ମହାକୁଡ଼ଙ୍କୁ ଦଳରୁ ନିଲମ୍ବନ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡ଼ି ବିଧାୟକ ଅଭିମନ୍ୟୁ ସେଠୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ଯାହା ନିଷ୍ପତ୍ତି ନେବେ ଆମେ ମାନିବୁ। ବିଧାୟକ ସନାତନ ମହାକୁଡ଼ଙ୍କୁ କାହିଁକି ନିଲମ୍ବନ କରାଗଲା ସେ ବିଷୟରେ କିଛି ଜାଣି ନାହାଁନ୍ତି ବୋଲି କହିଛନ୍ତି। ଦଳରେ ଯେତେବେଳେ ଯାହା ବି ବୈଠକ ହୁଏ ସେ ଉପସ୍ଥିତ ରୁହନ୍ତି ଏବଂ ସମସ୍ତ ପ୍ରକାର ସହଯୋଗ କରନ୍ତି। ମାତ୍ର ଦଳର ଗୋଟିଏ ଦୁଇଟି ବୈଠକ ଛାଡି ବାକି ସବୁ ବୈଠକକୁ ଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତେ ପ୍ରଶଂସା କରନ୍ତି। ଭଲ କାମ କଲେ ସମସ୍ତେ ପ୍ରଶଂସା କରନ୍ତି। ସେଇଟା ଗୋଟେ କାରଣ ହୋଇପାରେ। ତେବେ ତାଙ୍କୁ କାହିଁକି ନିଲମ୍ବନ କରାଗଲା ଜଣାନାହିଁ। କିଛି ରିପୋର୍ଟ ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଅଭିମନ୍ୟୁ। କିଏ ବିଶ୍ୱାସଘାତକତା କରିଛନ୍ତି ତାହା ମଧ୍ୟ ଜଣା ନାହିଁ। ତେବେ ସନାତନଙ୍କ ନିଲମ୍ବନ ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

## ଅବସରପ୍ରାପ୍ତ ଏସିଏଫଙ୍କୁ ଜେଲ୍ ଦଣ୍ଡ ଶୁଣାଇଲେ ଭିଜିଲାନ୍ସ କୋର୍ଟ

ଭୁବନେଶ୍ୱର୧୬।୧(ନି.ପ୍ର.): ଜଣେ ଅବସରପ୍ରାପ୍ତ ବନ ଅଧିକାରୀ ଆୟ ବର୍ହିଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ପୁରୀ ଜିଲ୍ଲାର ବନଖଣ୍ଡ କାର୍ଯ୍ୟାଳୟର ସହକାରୀ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ରଥ।

ଭୁବନେଶ୍ୱର ଭିଜିଲାନ୍ସର ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ପୂର୍ବତନ ଏସିଏଫ୍ ସୁରେଶ ଚନ୍ଦ୍ର ରଥଙ୍କୁ ଆୟ ବରହିଭୂତ ସମ୍ପତ୍ତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାନ୍ୟବର ଅଦାଲତ ପୂର୍ବତନ ଏସିଏଫଙ୍କୁ ୩ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହା ସହିତ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ତତସହିତ ଏସିଏଫଙ୍କ ଭତ୍ତା ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୮ରେ ଚିଲିକାରେ ପକ୍ଷୀ ଓ ୨୦ରୁ ଡଲଫିନ୍ ଗଣନା

ଚିଲିକା,୧୬।୧(ନି.ପ୍ର.): ବର୍ତ୍ତମାନ ଶୀତ ଋତୁ ଥିବାରୁ ଚିଲିକାରେ ଅନେକ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ଆସନ୍ତା ୧୮ ତାରିଖରେ ଚିଲିକାରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହେବ। ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ୍ ଚିଲିକା, ସାତପଡ଼ା, ରମ୍ଭା, ବାଲୁଗାଁ ଓ ଟାଙ୍ଗୀରେ ଗଣନା ହେବା।

ଗଣନାରେ ମୋଟ ୨୨ଟି ନିୟୋଜିତ ହେବେ। ବନ ବିଭାଗ କର୍ମଚାରୀ, ପକ୍ଷୀ ସୁରକ୍ଷା ବାହିନୀ, ପକ୍ଷୀ ସୁରକ୍ଷା ସଂଗଠର କର୍ମକର୍ତା, ଓୟୁଏଟିର କର୍ମଚାରୀ, ଛାତ୍ରଛାତ୍ରୀ ଓ ପକ୍ଷୀ ବିଶେଷଜ୍ଞ ଓ ସିଡିଏର କର୍ମଚାରୀମାନେ ସାମିଲ ହେବେ। ବାଇନା କୁଲାର, ବାର୍ଡସ ଗାଇଡ଼ ବୁକ, କ୍ୟାମେରା, ଜିପିଏସ୍ ଟ୍ରାକର ଆଦି ବ୍ୟବହାର କରାଯିବ।

ସେହିପରି ଚିଲିକା ହ୍ରଦରେ ତିନି ଧରି ଡଲଫିନ୍ ଗଣନା ମଧ୍ୟ କରାଯିବ। ଆସନ୍ତା ୨୦, ୨୧ ଓ ୨୨ ତାରିଖରେ ବାଲୁଗାଁ ଏବଂ ସାତପଡ଼ାରେ ଅଞ୍ଚଳରେ ଡଲଫିନ୍



ଗଣନା କରାଯିବ। ଏଥିରେ ୧୮ଟି ଟିମ୍‌ରେ ମୋଟ ୯୦ଜଣ ଗଣନାରେ ନିଯୁକ୍ତ ହେବେ। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଓ ଚିଲିକା ଉନ୍ନୟନ କର୍ତୃପକ୍ଷର ମିଳିତ ସହଯୋଗରେ ଗଣନା କରାଯିବ। ଏହି ସମୟରେ ପର୍ଯ୍ୟଟକ ଓ ମତ୍ସ୍ୟଜୀବିମାନଙ୍କୁ ଚିଲିକା ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ପ୍ରକାଶ ଯୋଗ୍ୟ, ୨୦୨୫ ବର୍ଷର ଶୀତକାଳୀନ ଗଣନାରେ ଚିଲିକାରେ ସର୍ବାଧିକ ପକ୍ଷୀଙ୍କର ଆଗମନ ହୋଇଥିବା ଜଣାପଡ଼ିଥିଲା। ଚିଲିକାରେ ମୋଟ୍ ପକ୍ଷୀ ସଂଖ୍ୟା ୧୧ଲକ୍ଷ ୨୭ହଜାର ୨୨୮ ପକ୍ଷୀଙ୍କ ଆଗମନ ହୋଇଥିଲା। ଏଥିରୁ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ବିଦେଶୀ ପକ୍ଷୀ ରହିଥିଲେ। ୮୭ ପ୍ରଜାତିରେ ୪୦ ହଜାର ଦେଶୀୟ ପକ୍ଷୀ ମଧ୍ୟ ଚିଲିକାରେ ଚିହ୍ନଟ ହୋଇଥିଲେ।

## ଧଉଳି ଗଣଦୁଷ୍କର୍ମ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୧(ନି.ପ୍ର.):** ବହୁଚର୍ଚ୍ଚିତ ଧଉଳି ଗଣ ଦୁଷ୍କର୍ମ ମାମଲାରେ ଆଜି ଆଉ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ଫେରାର ଥିବା ଅଭିଯୁକ୍ତ ସାଗର ଜେନାଙ୍କୁ ରାଜ୍ୟ ବାହାରୁ ଗିରଫ କରିଛି କମିଶନରେଟ୍ ପୁଲିସ। ଗିରଫ ପରେ ସାଗରକୁ କ୍ରାଇମ୍ ସ୍ପଟ୍ ନିଆଯିବ। ଏହା ପରେ ଟିଆଇ ପରେଡ କରିବ। ଅଭିଯୁକ୍ତ ସାଗର ଜେନା ନାଁରେ ପୂର୍ବରୁ ଅନେକ ମାମଲା ରହିଛି। ବଡଗଡ ଥାନା ଅଞ୍ଚଳରୁ ପୂର୍ବରୁ ମଧ୍ୟ ଫାୟରି ଘଟଣାରେ ସେ ଗିରଫ ହୋଇଥିଲା। ତେବେ ଗଣଦୁଷ୍କର୍ମ ଦିନ ମୁଖ୍ୟ ଅଭିଯୁକ୍ତ ହାପିର ସହଯୋଗୀ ଥିଲା ସାଗର। ଘଟଣା ଦିନ ଦୁଷ୍କର୍ମ ପିଡିତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧି ରଖିଥିଲା। ଏହି ଘଟଣାରେ ପୂର୍ବରୁ ତିନି ଜଣ ଗିରଫ ହୋଇଛନ୍ତି। ଗତ ୧୦ତାରିଖରେ ଦୟା ନଦୀ କୂଳରେ ଘଟିଥିଲା ଗଣ ଦୁଷ୍କର୍ମ ଘଟଣା। ବର୍ତମାନ ସୁଦ୍ଧା ଆଉ ଜଣେ ଅଭିଯୁକ୍ତ ମଧ୍ୟ ଫେରାର ରହିଛି।

### ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ଘଟଣା

# ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଥାନାରେ ଏତଲା

ଭୁବନେଶ୍ୱର,୧୬।୧(ନି.ପ୍ର.): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରଖିବା ସହ ମକର ସଂକ୍ରାନ୍ତିରେ ଦିଅଁଙ୍କୁ ଅପୂଜା ଓ ଉପାସ ରଖିବା ଘଟଣାରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ମହାନ୍ତିଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଏତଲା ହୋଇଛି। ଏହାସହିତ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, କମିସନରେଟ୍ ପୁଲିସ ଆୟୁକ୍ତ ଓ ଉପାୟୁକ୍ତଙ୍କୁ ଅଭିଯୋଗ କରାଯାଇଛି।

ପୁରୁଣା ଭୁବନେଶ୍ୱର ଡାକବଙ୍ଗଳା ନିବାସୀ ଅମରେନ୍ଦ୍ର ଗରାବଡୁ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୧୩ ତାରିଖ ସନ୍ଧ୍ୟାରୁ ୧୫ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ହିନ୍ଦୁ ସମାଜର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଭୋଗ ଉପବାସରେ ରଖାଯାଇଛି। କ୍ଷୀର ଆଉଟା ନୀତିକୁ ନେଇ ବ୍ରାହ୍ମଣ ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ଠାକୁର ଉପାସ ଥିଲେ। ଠାକୁରଙ୍କ ଘୃତକମ୍ବଳ ନୀତି ହୋଇପାରିନଥିଲା। ମନ୍ଦିର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି ତାଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଏଭଳି ହୋଇଥିବା ସେ



ଅଭିଯୋଗ କରିଛନ୍ତି। ଅଭିଯୋଗ ମିଳିବା ପରେ ଷ୍ଟେସନ ଡାଇରୀ କରାଯାଇଥିବା ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ମହାପ୍ରଭୁ ଶ୍ରୀଲିଙ୍ଗରାଜ ଅପୂଜା ରହିବାର ୩୪ଘଣ୍ଟା ପରେ ସ୍ୱାଭାବିକ ହୋଇଛି ନୀତିକାନ୍ତି।

ଗୁରୁବାର ଭୋର ୬ଟାରେ ମନ୍ଦିର ପହଡ଼ ଖୋଲି ମଙ୍ଗଳଆଳତି ଅବକାଶ ନୀତି ହୋଇ ସାଢେ ୬ଟାରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଏହାପରେ ଦିଅଁଙ୍କ ଅନ୍ୟାନ୍ୟ ନୀତି ହୋଇଥିଲା। ଆଦେଶକୁ ଉଚ୍ଚ ନ୍ୟାୟାଳୟ ସ୍ଥଗିତ ରଖିବା ସହ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନର ଧାରା ୪୧ରେ ଦେବୋତ୍ତର ସହକାରୀ ଆୟୁକ୍ତ ଦିଅଁଙ୍କ ନୀତିକାନ୍ତି ସ୍ୱାଭାବିକ କରିବାକୁ କହିଥିଲେ।

ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତ ଆଦେଶ ପାଇବା ମାତ୍ରେ ଦିଅଁଙ୍କ ନୀତିକାନ୍ତି ସ୍ୱାଭାବିକ କରିବାକୁ ଟ୍ରଷ୍ଟବୋର୍ଡ, ବଡୁ ଓ ବ୍ରାହ୍ମଣ ନିଯୋଗ ମିଳିତ ଭାବେ ପଦକ୍ଷେପ ନେବାକୁ କହିଥିଲେ। ଅନ୍ୟପକ୍ଷରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଦିଅଁଙ୍କ ନୀତିକାନ୍ତି ବିଭ୍ରାଟ ତଥା ଦିଅଁଙ୍କୁ ଅପୂଜା ଓ ଉପବାସ ରଖାଯିବା ଘଟଣାରେ ପାଳିଆ ସେବାୟତ, ମନ୍ଦିର ସୁପରଭାଇଜର ଓ ଚର୍ଚ୍ଚିତ ସେବାୟତଙ୍କୁ ଗୁରୁବାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

## ଏକାଧିକ ବ୍ୟବସାୟୀଙ୍କ ଘରେ ଇଡି ରେଡ୍

ଗଞ୍ଜାମ,୧୬।୧(ନି.ପ୍ର.): ବିଜୁ ଜନତା ଦଳର ବରିଷ୍ଠ ନେତାଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ଉ କରାଯାଇଛି। ଶୁକ୍ରବାର ଗଞ୍ଜାମ ଜିଲ୍ଲା ବିଜେଡି ଉପ ସଭାପତି ତଥା ଠିକାଦାର ହୃଷିକେଶ ପାଢ଼ୀଙ୍କ ଘରେ ଚଢ଼ଉ ହୋଇଛି। ଶେରଗଡ଼ରେ ଥିବା ହୃଷୀକେଶ ପାଢ଼ୀଙ୍କ ଘରେ ଇଡିର ତିନି ଜଣିଆ ଟିମ୍ ଚଢାଉ କରିଛି। ତାଙ୍କର ଶେରଗଡ଼ ସ୍ଥିତ ନିଜସ୍ୱ ବାସଭବନ, ପେଟ୍ରୋଲ ପମ୍ପ, ଓ ଟିଭିଏସ୍ ଗାଡ଼ି ସୋ ରୁମ୍‌ରେ ଚଢାଉ ହେଉଛି। ପୁଅ ସଚିନ ପାଢ଼ୀଙ୍କ ବ୍ରହ୍ମପୁର ଅମ୍ବିକାନଗର ସ୍ଥିତ ବାସ ଭବନରେ ଚଢାଉ କରିଛି। ଖାଲି ବିଜେଡ଼ି ନେତା ନୁହେଁ ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ବ୍ୟବସାୟୀ



ଯଥା ଠିକାଦାର, ମଦ ବ୍ୟବସାୟୀ ଏବଂ ବାଲି ବ୍ୟବସାୟୀଙ୍କ ଘରେ ଇଡି ଚଢ଼ଉ କରିଛି। ପ୍ରାୟ ୨୦ଟି ଟିମ୍ ଏକାକାଳୀନ ଚଢ଼ଉ କରୁଛନ୍ତି। ସେରଗଡ଼, ଆସିକା, ହିଞ୍ଜିଳି ଓ ବୁଗୁଡ଼ା ଆଦି ସ୍ଥାନରେ ଇଡି ଛାପା ମାରିଛି। ବ୍ରହ୍ମପୁରର ବିଜିପୁର, ଲାଞ୍ଜିପାଲି, ଗାନ୍ଧୀନଗର ଆଦି ସ୍ଥାନରେ ଚଢ଼ଉ କରାଯାଉଛି। ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ସଶସ୍ତ୍ର ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ଆର୍ଥିକ ହେରଫେର ନେଇ ଯାଞ୍ଚ କରାଯାଉଥିବା ଅନୁମାନ କରାଯାଉଛି।

# ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ୪ ସୂତ୍ରୀ ମନ୍ତ୍ର

ଭୁବନେଶ୍ୱର, ୧୬।୧(ନି.ପ୍ର.): : ଭୁବନେଶ୍ୱର ପରିଦର୍ଶନରେ ଆସି ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ସମ୍ପର୍କରେ ଏକ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି। ଏହି ଆଲୋଚନାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଶର୍ମା ଅବସ୍ତି, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ଃ ଏନ୍.ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଝରଠଝଉରଜଞ)ର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଏନସିଇଆରଟିର ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ ଅରୋରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ୩୦ଟି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଜିଲ୍ଲା ଡାଏଟ୍, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସପାଲ୍ ମଧ୍ୟ ଆଭାସୀ ମାଧ୍ୟମରେ ସାମିଲ୍ ହୋଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ଆଧାରରେ ପାଠ୍ୟପୁସ୍ତକ ବିକାଶ କରୁଛନ୍ତି ରାଜ୍ୟ ସରକାର। ଆଗାମୀ ୨୦୨୬-୨୭ଶିକ୍ଷା ବର୍ଷରୁ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ୫୫ ଟି ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ, ଏନେଇ ଜିଲ୍ଲାର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ।



ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପାଠ୍ୟକ୍ରମର ବିକାଶ ଏବଂ ମାଷ୍ଟର ରିସୋର୍ସ ପର୍ସନଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଜିଲ୍ଲାମାନଙ୍କୁ ପଚାରିବୁଝିଥିଲେ। ଏଥିସହ ନୂଆ ବହି ସମ୍ପର୍କରେ ରାଜ୍ୟର ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ୪ ଗୋଟି ପରାମର୍ଶ ଦେଇଛନ୍ତି। ପ୍ରଥମେ ନିପୁଣ ଭାରତକୁ ପ୍ରାଧାନ୍ୟ ଦେଇ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଋଗଘ) କୁ ସୁଦୃଢ଼ କରିବା ଉପରେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟରେ ଅଡିକମ୍ ରେ ପଞ୍ଚମ ଶ୍ରେଣୀ ଯାଏଁ ମାତୃଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ କହିଛନ୍ତି। ତୃତୀୟରେ ଛାତ୍ରଛାତ୍ରୀଙ୍କ ପୋଷଣକୁ ଗୁରୁତ୍ୱ ଦେଇ ପିଏମ-ପୋଷଣକୁ ସୁଦୃଢ଼ କରିବା ଦିଗରେ ପରାମର୍ଶ ଦେଇଛନ୍ତି। ଚତୁର୍ଥରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜାତୀୟ ଶିକ୍ଷା ନୀତିରେ ଥିବା ବର୍ଷକୁ ୧୦ ଦିନ ବସ୍ତାନୀ ବିହୀନ ବିଦ୍ୟାଳୟ ପ୍ରଚଳନକୁ ଅଧିକ ବ୍ୟାପକ କରିବା ଦିଗରେ ପରାମର୍ଶ ଦେଇଛନ୍ତି।

ଗଣଶିକ୍ଷା ମନ୍ତ୍ରୀ ଉପସ୍ଥିତ ରହି ରାଜ୍ୟ ସରକାର ବିକଶିତ କରିଥିବା ନୂତନ ପାଠ୍ୟପୁସ୍ତକ ସମ୍ପର୍କରେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଓଡ଼ିଶା ୫୫ ଟି ନୂତନ ଏନସିଇଆରଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ଏଥିସହ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ତିନୋଟି ନୂତନ ବିଷୟ -କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା, ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ କରୁଥିବା ସୂଚନା ଦେଇଛନ୍ତି।

## ଡାହୁକ



ଯେତେ ଲୁଚେଇଲେ ଲୁଚିକି ରହିନି
କଥା ବାଟେ ହାଟେ ଗଡୁଛି
ନିର୍ବାଚନ କମିଶନର ଜାଣନ୍ତି
କେମିତି ବାଗିଆ ପୋଡୁଚି
ସମ୍ଭାଳିବା କଷ୍ଟ ଭବିଷ୍ୟତ ନଷ୍ଟ
ଜଳ ଜଳ ଦେଖାଯାଉଚି
ଜାଣିଲା ପରେ ବି ପଦୁଅଁ ପ୍ରେମରେ
ଏମିତି କି ରସ ବହୁଚି।

-ବିଧୁ

# ୧୯ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ

ନୂଆଦିଲ୍ଲୀ,୧୬।୧(ନି.ପ୍ର.): ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଭାରତୀୟ ଜନତା ପାର୍ଟିକୁ ଖୁବ ଶୀଘ୍ର ତାର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ମିଳିବାକୁ ଯାଉଛି। ଶୁକ୍ରବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ବିଧିବଦ୍ଧ ବିଗୁଲ୍ ବାଜିଛି। ନିର୍ବାଚନ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୧୯ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୨୦ ତାରିଖରେ ଶେଷ ହେବ। ଏ ନେଇ ଦଳର ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡାକ୍ତର କେ ଲକ୍ଷ୍ମଣ ବିଜ୍ଞପ୍ତି ଜାରି କରିଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ୨ ଦିନ ଧରି ଚାଲିବ। ଏଥିପାଇଁ ଜାନୁୟାରୀ ୧୬ ତାରିଖ ଶୁକ୍ରବାର, ମାଘ କୃଷ୍ଣ ତ୍ରୟୋଦଶୀରେ ମଧ୍ୟାହ୍ନ ୧୨ଟାରେ ନିର୍ବାଚକ ମଣ୍ଡଳୀଙ୍କ ସୂଚୀ ପ୍ରକାଶ ପାଇବ। ଆସନ୍ତା ୧୯, ସୋମବାର, ମାଘ ଶୁକ୍ଳ ପ୍ରତିପଦାରେ ଅପରାହ୍ନ ୨ଟାରୁ ୪ ମଧ୍ୟରେ ଇଚ୍ଛୁକ ପ୍ରାର୍ଥୀ ନାମାଙ୍କନ ଭରିବେ। ସନ୍ଧ୍ୟା ୪ଟାରୁ ୫ ମଧ୍ୟରେ ନାମାଙ୍କନ ଯାଞ୍ଚ କରାଯିବ ଏବଂ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଅନିଚ୍ଛୁକ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଦିଆଯିବ। ଏହା ପରେ ଜାତୀୟ ନିର୍ବାଚନ ଅଧିକାରୀ ପ୍ରେସ୍ ବିବୃତ୍ତି ଜାରି କରି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ପରଦିନ ଅର୍ଥାତ୍ ମଙ୍ଗଳବାର, ଜାନୁଆରୀ ୨୦ ମାଘ ଶୁକ୍ଳ ଦ୍ୱିତୀୟା ଦିନ ଯଦି ଏକାଧିକ ପ୍ରାର୍ଥୀ ଥିବେ ତାହା ହେଲେ ଆବଶ୍ୟକ ଅନୁଯାୟୀ ମତଦାନ କରାଯିବ। ଯଦି ଜଣେ ପ୍ରାର୍ଥୀ ଥିବେ ତାହା ହେଲେ ପୂର୍ବାହ୍ନ ସାଢେ ୧୧ଟାରୁ ସାଢେ ୧ଟା ମଧ୍ୟରେ ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ।

ପ୍ରକାଶ ଯୋଗ୍ୟ, ୨୦୨୦ରେ ଜେପି ନଡ୍ଡା ଅଧ୍ୟକ୍ଷଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୦୨୩ରେ ଶେଷ ହୋଇଥିଲା। ବିଜେପିରେ ପ୍ରତି ତିନି ବର୍ଷରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ତାଙ୍କର କାର୍ଯ୍ୟକାଳ ଜୁନ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସେ ୨୦୨୫ ଯାଏଁ ସଭାପତି ଦାୟିତ୍ୱ ତୁଲାଇଥିଲେ। ଏହା ପରେ ବିଜେପି ଗତ ଡିସେମ୍ବର ୧୪ ତାରିଖରେ ନୀତିନ ନବୀନଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ପାଇଁ ଘୋଷଣା କରିଥିଲା। ନୀତିନ ବର୍ତ୍ତମାନ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଉଛନ୍ତି।



# ପୋଲିସକୁ ମାଡମାରି ଯୁବକ ଗିରଫ

ଜଗତସିଂହପୁର,୧୬।୧:(ମନ୍ଥନ)ରଘୁନାଥପୁର ଥାନାର ଜଣେ କାର୍ଯ୍ୟରତ ପୋଲିସ କନେଷ୍ଟବଳଙ୍କୁ ମାଡମାରିଥିବା ଜନୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଏ ସମ୍ପର୍କରେ କନେଷ୍ଟବଳ ଦିଲୀପ କୁମାର ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ପୋଲିସ କେସ ନଂ ୧୨/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ଜିସାନ ସିନ୍ନା କୁ ଗିରଫ କରିଥିଲା । ଗୁରୁବାର ପୂର୍ବାହ୍ନରେ ସାଧା ପୋଷାକରେ ଦିଲୀପ ରଘୁନାଥପୁର ବଜାରରୁ ସଉଦା କିଣୁଥିବା ବେଳେ ହଟାତ ଅଭିଯୁକ୍ତ ଜିସାନ ତାଙ୍କ ପାଖଦେଇ ବାଇକ ଘଷି ନେଇଥିଲେ । ଦିଲୀପ ଏଭଳି ବାଇକ ଚଳାଇବା ନେଇ ବିରୋଧ କରିବାରୁ ଜିସାନ ଦାଦାଗିରି ଦେଖାଇଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ବାଚସା ହୋଇଥିଲା । ଏହି ସମୟରେ ଜିସାନ ଧରିଥିବା ଗାଡିଚାବିରେ ଦିଲୀପଙ୍କ ମୁହଁ ଓ ମୁଣ୍ଡକୁ ମାଡ ମାରିଥିଲେ । ସ୍ଥାନୀୟ ଲୋକେ ବିରୋଧ କରିବାରୁ ଯିସାନ ସେଠାରୁ ଚାଲିଯାଇ ପୁଣି ଆସି ଦିଲୀପଙ୍କ ଉପରେ ଆକ୍ରମଣ କରିଥିଲେ । ଖବରପାଇ ଏସଆଇ ଯୋଗେଶ୍ୱର ବେହେରା ଘଟଣା ସ୍ଥଳରେ ପହଞ୍ଚି ଦିଲୀପଙ୍କୁ ସ୍ଥାନୀୟ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ।ଦିଲୀପଙ୍କ କାନମୁଣ୍ଡା ଓ ବେକରେ ଗଭୀର ଆଘାତ ଲାଗିଛି।ଦିଲୀପଙ୍କ ମୁଣ୍ଡ ଫୁଲି ରହିଥିବା ବେଳେ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ରେଫର କରିଥିବା ଏସଆଇ ବେହେରା ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ବଜାର କମିଟି ପକ୍ଷରୁ ଅଭିଯୁକ୍ତକୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବୀ ହେଉଛି । ଏହାଛଡା ପୋଲିସ ଯେଉଁଠି ସୁରକ୍ଷିତ ନୁହନ୍ତି ସେଠି ସାଧାରଣଜନତା ସୁରକ୍ଷିତ ରହିବେ କିପରି ବୋଲି ମତ ପ୍ରକାଶ ପାଇଛି ।

# ଟିକନା ଗ୍ରାମରେ ହରିନାମ ସଂକ୍ରିତନ

କୋଣାର୍କ, ୧୬।୧:(ମନ୍ଥନ)ପୁରୀ - କୋଣାର୍କ ବେଳା ମାର୍ଗରେ ଥିବା ସୁତନ ଗ୍ରାମ ପଞ୍ଚାୟତ ଟିକନା ଗ୍ରାମ ର ମା' ଖଣ୍ଡୁଆଳ ପୀଠରେ ପବିତ୍ର ମାଘ ମାସରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି । ମଙ୍ଗଳବାର ଦିନ ଅଧିବାସ ଦିବସ ସହ କୁଶଭଦ୍ରା ନଦୀରୁ ୧୦୮ ଜଣ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଭକ୍ତମାନେ କଳସ ଶୋଭାଯାତ୍ରା କରି ମା'ଙ୍କ ପାଖରେ କଳସ ସ୍ଥାପନା କରିଥିଲେ । ବୁଧବାର ପ୍ରାତଃ ସମୟରୁ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଛି । ସଙ୍କୀର୍ତ୍ତନ ପରେ ଅନ୍ନକୁଟ ହୋଇଥିବା ବେଳେ



ସ୍ଥାନୀୟ ଅଞ୍ଚଳରୁ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ୫୦ ଗୋଟି ମହିଳା ମଣ୍ଡଳକୁ ନେଇ ଏକ ଭକ୍ତି ପୂର୍ଣ୍ଣ ପରିବେଶ ଭିତରେ ଶହ ଶହ ଶ୍ରଦ୍ଧାଳୁ, ଆଶ୍ରିତ ଓ ଭକ୍ତ ରାମନାମ କଥାମୃତ ଶ୍ରବଣ କରିଥିଲେ । ପୁରୀରୁ ଆସିଥିବା ପଣ୍ଡିତ ମାନଙ୍କ ଦ୍ୱାରା ସଂପୂର୍ଣ୍ଣ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମା' ଙ୍କ ଖ୍ୟାତି ଥିବାରୁ ବହୁଦୂର ଦୁରନ୍ତରୁ ଭକ୍ତମାନେ ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟ କର୍ତ୍ତା ଭାବେ ସଦାଶିବ ଦାଶ ଓ ପରିଚାଳନା କରିଥିଲେ ବାବୁଲି ବେହେରା, ଓକିଲ ବେହେରା ଓ ସାଗେରା ମାଣିଅ। କୀର୍ତ୍ତନ ମଣ୍ଡଳୀର ସହଯୋଗୀ ସଦାଶିବ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବୁଲା ବେହେରା, ଗୋପାଳ ବେହେରା, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ରଙ୍କ ପରଲୋକ

ଅସ୍ତରଙ୍ଗ,୧୬।୧:(ମନ୍ଥନ) ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ବିପ୍ଲବୀ ରାଜନେତା, କୃଷକ ଆନ୍ଦୋଳନର ଅଗ୍ରଦୂତ, ପ୍ରବୀଣ ସାରସ୍ୱତ ସାଧକ ତଥା ସାମ୍ୟବାଦୀ ଚେତନାର ବରେଣ୍ୟ ପ୍ରତିଭା ସୋମନାଥ ପାତ୍ର ଆଉ ନାହାନ୍ତି ଗୁରୁବାର ୧୦୩ ବର୍ଷ ବୟସରେ କନିଷ୍ଠ ପୁତ୍ର ନଗେନ୍ଦ୍ର ପାତ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି । ଏହି ଖବର ପ୍ରଚାରିତ ହେବା ପରେ ବହୁ ରାଜନେତା, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁ ତାଙ୍କର ଶେଷ ଦର୍ଶନ କରିଛନ୍ତି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କୃଷକ ସଭାର ଜାତୀୟ ଉପସଭାପତି ଆଶିଷ କୁମାର କାନୁନଗୋ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ବିଧାୟକ ବାଇଧର ମଲିକ, ରବି ମଲିକ, ବରିଷ୍ଠ କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣେଇଥିଲେ । ସ୍ୱର୍ଗତ ପାତ୍ରଙ୍କ ଜନ୍ମ ୧୯୨୪ ଏପ୍ରିଲ ୧୨ ତାରିଖରେ କାକଟପୁର ବ୍ଲକ ବାଜପୁର ଗ୍ରାମରେ ଏକ ସାଧାରଣ ପରିବାରରେ ହୋଇଥିଲା । ତାଙ୍କ ବାପାଙ୍କ ନାମ ଧନୀ ପାତ୍ର ଓ ମାଙ୍କ ନାମ ଚାନ୍ଦ ଦେଇ ସେ ଯୁବାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅନେକ ବାର କାରାବରଣ କରିଥିଲେ ତାଙ୍କର ୪୦ରୁ ଅଧିକ ପୁସ୍ତକ ପ୍ରକାଶ ପାଇଁ ପାଠକୀୟ ଆଦୃତି ଲାଭ କରିଛି ସେ ମଧ୍ୟ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ସ୍ତମ୍ଭ ଲେଖୁଥଲେ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ଗଗନ ପାତ୍ର ଓ ନଗେନ୍ଦ୍ର ପାତ୍ର ଏବଂ ଝିଅ ନନ୍ଦିନୀ, ଜ୍ୱାଇଁ ଜ୍ଞାନେନ୍ଦ୍ର ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା ଏହି ଅବସରରେ ଅସ୍ତରଙ୍ଗ ପ୍ରେସ କ୍ଲବ ସଭାପତି ତଥା ଓ ୟୁ ଡବ୍ଲୁ ଯେ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ଚନ୍ଦ୍ର ପରିଡା, ସାଧାରଣ ସମ୍ପାଦକ ଜ୍ୟୋତି ଶଙ୍କର ଦାଶ ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ଓ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଶୋକ ପ୍ରକାଶ କରିବା ସହିତ ଆତ୍ମାର ସଦ୍ ଗତି କାମନା କରିଥିଲେ ।

# ବିଶ୍ୱକର୍ମା କୁଳ ସୁତାର ମହାପାତ୍ର ବଂଶ ର ବାର୍ଷିକ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ

ଛତ୍ରପୁର,୧୬।୧:(ମନ୍ଥନ)ଗଞ୍ଜାମ ଜିଲ୍ଲା ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ବିଶ୍ୱକର୍ମା କୁଳ ସୁତାର ମହାପାତ୍ର ବଂଶର ବାର୍ଷିକ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ମକର ସଂକ୍ରାନ୍ତି ଅବସରରେ ବଂଶ ର ଇଷ୍ଟ ଦେବୀ ଛତ୍ରପୁର ନିକଟସ୍ଥ ରାମଚଣ୍ଡୀ ପୀଠରେ ଆୟୋଜିତ ହୋଇଯାଇଛି । ବଂଶ ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ବଂଶଜ ଭୋବନି ମହାରଣା ପ୍ରଦୀପ ପ୍ରଜଳନ କରି ଶୁଭାରମ୍ଭ କରିଥିଲେ । ମୃତ ବଂଶଜ ମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା ।



ସମ୍ପାଦକ ଉଦୟ ନାଥ ମହାରଣା ସମ୍ପାଦକୀୟ ବିବରଣୀ ପ୍ରଦାନ କରି ସଭା ସଂଯୋଜନା କରିଥିଲେ । କୋଷାଧ୍ୟକ୍ଷ ତାରିଣୀ ଚରଣ ମହାରଣା ଆୟ ବ୍ୟୟ ହିସାବ ପ୍ରଦାନ କରିଥିଲେ। ବଂଶର ଦୁଇ ଜଣ ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତ ପ୍ରଭାତ ମହାରଣା ଓ ବିଶ୍ୱନାଥ ମହାରଣା ଙ୍କୁ 'ବଂଶରତ୍ନ 'ଉପାଧିରେ ଭୁଷିତ କରାଯାଇଥିଲା ।ତତ ସଙ୍ଗେ ସଙ୍ଗେ ୨୦୨୫ ମାଟ୍ରିକ ପରୀକ୍ଷାରେ ଏବଂ ଯୁକ୍ତ ଦୁଇ ପରୀକ୍ଷା ରେ ୭୦%ଅଧିକ ରଖିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ମାନ ପତ୍ର ଓ କାଂସ୍ୟ ଫଳକ ସହ ସମ୍ମାନିତ କରାଯାଇ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରା ଯାଇଥିଲା । ଉପସଭାପତି କ୍ୟାପଟେନ ଶ୍ରୀନିବାସ ମହାରଣା, ସହ ସମ୍ପାଦକ ମହେଶ୍ୱର ମହାରଣା, ଓ ରମେଶ ମହାରଣା, ଉପଦେଷ୍ଟା ବାସୁଦେବ ମହାରଣା ପ୍ରମୁଖ ଉଦବୋଧନ ଦେଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସମାବେଶରେ ଭୁବନେଶ୍ୱର, ଭବାନୀ ପାଟଣା, ବିଶାଖାପାଟଣା ଏବଂ ଅନ୍ୟ ଦୁରଦୂରାନ୍ତରୁ ପ୍ରାୟ ଚାରି ଶହ ଉଭୟ ମହିଳା ଓ ପୁରୁଷ ବଂସଜ ଯୋଗଦେଇଥିଲେ ।

# ତେଲିପଦର ଗାଁରେ ଭାରତୀୟ ହ୍ୟୁମାନ ରାଇଟ କାଉନସିଲ ପକ୍ଷରୁ କମ୍ବଳ ଓ ସଚେତନତା କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା,୧୬।୧:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ପଞ୍ଚାୟତ ତେଲିପଦର ଗାଁରେ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଭାରତୀୟ ହ୍ୟୁମାନ ରାଇଟ କାଉନସିଲ ପକ୍ଷରୁ କମ୍ବଳ ବଣ୍ଟନ କରାଯିବା ସହ ଓ ଜନ ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ସଭାପତି ମହମ୍ମଦ ମୁସ୍ତଫା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ପୂରା ଭାରତବର୍ଷରେ ଏହିପରି ଜନହିତକର କାର୍ଯ୍ୟ କରି ଆସୁଛି ଏବଂ ଏହିପରି ଆଗକୁ ମଧ୍ୟ କରିଚାଲିଥିବା ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମ ର୍ବ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ଆଚାରୀ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଦିବାକର ପୁଟେଲ,ସମ୍ପାଦକ ମଣ୍ଟୁ ସରାଫ,ଉପ ସଭାପତି ଚନ୍ଦ୍ରଶେଖର ବାଗ,ବରିଷ୍ଠ ସଦସ୍ୟ କୃଷ୍ଣ ବାଗ,ମୁରିବାହାଲ ବ୍ଲକ ସଭାପତି ନରେନ୍ଦ୍ର ଆଚାରୀ,ସମ୍ପାଦକ ପ୍ରକାଶ ବଘାର,ସମାଜସେବୀ ଦୀପକସାହୁ ଏବଂ ଯାଦବ କଲତା ଯୋଗ ଦେଇଥିଲେ । ଏହି ପରିଷଦ ର ପ୍ରତିଷ୍ଠାତା ଡ.ପୂର୍ଣ୍ଣଚନ୍ଦ୍ରସାହୁ ଙ୍କ ନିର୍ଦ୍ଦେଶ ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ଦେଖିବାକୁ ମିଳିଛି । ଏଥିରେ ଗାଁର ବହୁ ଶୀତ ରୁ ସାମାନ୍ୟ ଆଶ୍ୱସ୍ତି ମିଳି ପାରିବ ବୋଲି ବୃଦ୍ଧ ବୃଦ୍ଧା ମାନଙ୍କ ମହଲ ରେ ଖୁସି ର ଲହରୀ ଖେଳିଯାଇଛି । ଏହି କାର୍ଯ୍ୟ କୁ ଦେଖି ବିଭିନ୍ନ ମହଲ ରେ ପ୍ରସଂଶା କରାଯାଉଥିବା ନେଇ ଦେଖିବାକୁ ମିଳିଛି ।

# ନିମାପଡ ରେ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦଘାଟିତ



ପୁରୀ,୧୬।୧:(ମନ୍ଥନ)ଆଜି ଠାରୁ ପୁରୀ ଜିଲ୍ଲା ରେ ୨୦୨୫-୨୬ ମସିହା ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମାପଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଆମ ସରକାର କୃଷି ଓ କୃଷକ ଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହିଛି । ଆମ ପ୍ରତିଶ୍ରୁତି ମୁତାବକ ଅତିରିକ୍ତ ସହାୟତା ସହ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ଯାଇଥିଲା । ଏଥିପାଇଁ ଚାଷ ପ୍ରତି ବିମୁଖ ହେଉଥିବା କୃଷକ ମାନେ ପୁଣି ଚାଷ ପ୍ରତି ଆଗ୍ରହ ଦେଖେଇଲେଣି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୧୦ ହଜାରରୁ ଅଧିକ କୃଷକ ପଞ୍ଜିକରଣ କରିବା ତାହାର ବଡ ଉଦାହରଣ ବୋଲି ସେ କହିଥିଲେ । ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବ । ଚଳିତ ବର୍ଷ ଧାନ ସଂଗ୍ରହ କୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟ ରେ ଅଧିକ ୯ ଗୋଟି ଅର୍ଥାତ ୧୯୬ଟି ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମତୀ ପରିଡା କହିଥିଲେ । ନିଜ ଉତ୍ପାଦିତ ଫସଲର ସ୍ୱାଦ ନିଅାରାୟତେଣୁ ଆବଶ୍ୟକତା ଅନୁସାରେ ନିଜ ପରିବାର ପାଇଁ ପ୍ରଥମେ ଉତ୍ପାଦିତ ଧାନକୁ ରଖି ବଳକା ଧାନକୁ ବିକ୍ରି ପାଇଁ ଆଣିବାକୁ ଉପ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।ପ୍ରାରମ୍ଭରେ ଉପ ମୁଖ୍ୟମନ୍ତ୍ରୀ ନଡ଼ିଆ ଭାଙ୍ଗି ମଣ୍ଡି ଉଦଘାଟନ କରିଥିଲେ । ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୯,୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି ଯାହା ଗତବର୍ଷ ଅପେକ୍ଷା ୧୦୭୧୯ ଅଧିକ। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୫୦,୫୫୨ ଟୋକେନ୍ ବଣ୍ଟନ କରାଯାଇଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨,୦୪,୦୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ରଖାଯାଇଛି। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି । ପଞ୍ଜୀକୃତ ହୋଇଥିବା ମୋଟ ୧୯୩ ଟି ପ୍ରାଥମିକ କୃଷି ସମବାୟ ସମିତି,ଗୋଟିଏ ଅତିରିକ୍ତ ସମିତି ଏବଂ ୩ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ମାଧ୍ୟମରେ ଧାନ କ୍ରୟ କରାଯାଉଅଛି ବୋଲି ଯୋଗାଣ ଅଧିକାରୀ ଓ ଡିଆରସିଏସ ସୂଚନା ଦେଇଛନ୍ତି । ପ୍ରାରମ୍ଭରେ ଡିଆରସିଏସ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ସମ୍ପର୍କରେ ବିବିଧ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ନିମାପଡା ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡ ମନୋଜ କୁମାର ପ୍ରଧାନ, ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଯତୀନ୍ଦ୍ର ସ୍ୱାଇଁ, ମାନକଡା ମହାନ୍ତି, କୋଟସଙ୍ଗ ଓ ଶଗଡା ପଞ୍ଚାୟତ ର ସରପଞ୍ଚ, ନିମାପଡା ଆର ଏମ ସି ର ସମ୍ପାଦକ ସୁଶାନ୍ତ ରାଉତ,ଏଆରସିଏସ ସନାତନ ବେହେରା, ଏସ ଆର ସି ଏସ ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେବିଭିନ୍ନ ପାକ୍ସ ର କର୍ମକର୍ତ୍ତା, ମିଲର ଓ କୃଷକ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଚାଳନ କରିଥିଲେ ।

# ପୁରୀ ଜିଲ୍ଲା ସ୍ତରୀୟ ବନାଟି ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ,୧୬।୧:(ମନ୍ଥନ)ପୁରୀ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୬ ପାଳନ ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁସାରେ ବନାଟି ପ୍ରତିଯୋଗିତା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବନାଟି ସାଧାରଣ ଘୁର୍ଣ୍ଣନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ବାଳିକା ସ୍ତରରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ର କବିତା ମହାନ୍ତି ,ପ୍ରଥମ , ଏଲ ବର୍ଷା ବେହେରା, ଦ୍ୱିତୀୟ ଏବଂ ରିୟା ଦେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବାଳକ ବିଭାଗ ରେ ସାରସ୍ୱତ ବିଦ୍ୟାନିକେତନ ର ତ୍ରିବିକ୍ରମ ପଣ୍ଡା,ପ୍ରଥମ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ର ପାପାଇ ଶାହା, ଦ୍ୱିତୀୟ ଏବଂ ସମ୍ରାଟ



ଦେବନାଥ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତା କୁ ଶ୍ରୀଜଗନ୍ନାଥ ସମର କଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ବିଶାରଦ ଜଗନ୍ନାଥ ସୁଆର, ସାମ୍ବାଦିକ କୈଳାଶ ଚନ୍ଦ୍ର ପଣ୍ଡା, ଶିକ୍ଷକ ଧର୍ମେନ୍ଦ୍ର ହାଁସଦା, କ୍ରୀଡା ଶିକ୍ଷକ ରବୀନ୍ଦ୍ର ବେହେରା ଏବଂ ପିଣ୍ଟୁ ଜେନା ପ୍ରମୁଖ ବିଚାରକ ରୂପେ କାର୍ଯ୍ୟ ତୁଲାଇ ଥିଲେ । ଏଥି ସହିତ ଦୀର୍ଘ ୨୪ ମିନଟ ଧରି ବନାଟି କ୍ରୀଡା ପ୍ରଦର୍ଶନ କରିଥିବା କୃତି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟ ରେ ପ୍ରତିଯୋଗିତା ସ୍ଥଳରେ ଉପସ୍ଥିତ ଥିବା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ ଙ୍କ ଦ୍ୱାରା ୨ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବା ସହ ପ୍ରତିଯୋଗିତା କୁ ଉତ୍ସାହିତ କରୁଥିବା ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା । ବିଜୟୀ ପ୍ରତିଯୋଗୀ ମାନଙ୍କୁ ଆଗାମୀ ଜିଲ୍ଲା ସ୍ତରୀୟ ପ୍ୟାରେଡ ଉତ୍ସବ ରେ ପୁରସ୍କୃତ କରାଯିବ ବୋଲି ସୂଚନା ଲୋକ ସମ୍ପର୍କ ବିଭାଗ ର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ପ୍ରଦାନ କରିଛନ୍ତି ।

# ଧରମସିଂମାଝୀ ମାନଧାତା ସ୍ମୃତି କ୍ରିକେଟଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବଲାଙ୍ଗିର,୧୬।୧:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ପୁଇଁତଲାବ୍ଲକ ଆଟଗାଁ ଖେଳପଡିଆରେ ନ୍ୟୁଷ୍ଟାରକ୍ରିକେଟ କ୍ଲବପକ୍ଷରୁ ଧରମସିଂମାଝି ମାନ୍ଧାତା ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଘାଟିତ ହୋଇଯାଇଛି । ଆଟଗାଁ ସରପଞ୍ଚସାଳିନୀ ସେଠ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଥମ ମ୍ୟାଚକୁ ଉଦଘାଟନ କରିଥିଲେ । ପ୍ରଥମଲିଗ୍ ମ୍ୟାଚ ମହାଦେବପାଲି ଓ ଦୁହେଲଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୁହେଲ ୧୧୬ ରନ କରିଥିଲା । ମାଦେବପାଲି ଦଳ ୧୧୭ରନର ଫଲୋକରି ଅଲଆଉଟ ହୋଇ ମାତ୍ର ୮୬ରନ କରି ପରାଜିତ ହୋଇଥିଲେ । ଦ୍ୱିତୀୟ ଲିଗ୍ମ୍ୟାଚରେ ରୁଗୁଡିପାଲିଦଳ ଓ ପୁଇଁତଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ରୁଗୁଡିପାଲିଦଳ ନିର୍ଦ୍ଧାରିତ ୮ଓଭରରେ ୬୯ ରନ ସଂଗ୍ରହ କରି ୭୦ ରନର ଟାର୍ଗେଟ ଦେଇଥିଲେ । ଏହି ମ୍ୟାଚରେ ପୁଇଁତଲାଦଳ ନିର୍ଦ୍ଧାରିତ ଓଭରରେ ୭୦ରନ କରି ୫ୱିକେଟରେ ବିଜୟୀ ହୋଇଥିଲା । ଫଳରେ ଦୁହେଲ ଓ ପୁଇଁତଲାଦଳ ମଧ୍ୟରେ କ୍ୱାଟରଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଦୁହେଲଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରତ ୭ ଓଭରରେ ୧୧୧ରନ ସଂଗ୍ରହ କରିଥିଲା । ଏହାକୁ ଫଲୋକରି ପୁଇଁତଲାଦଳ ମାତ୍ର ୮୭ ରନ କରି ୩୫ରନରେ ପରାଜିତ ହୋଇଥିଲେ । ଦୁହେଲଦଳ ସେମିଫାଇନାଲକୁ ପହଞ୍ଚିଛି ଯ ଦୁହେଲଟିମର ଅନୁରାଗ ମ୍ୟାନଅଫଦି ମ୍ୟାଚ ହୋଇ ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚରେ ବରେଣ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା,ବଲାଙ୍ଗୀର ସୂଚନାଅଧିକାର ଅଭିଯାନର ଆବାହକ ନୀଳମଣି ଯୋଷୀ,ବରିଷ୍ଠ ନାଗରିକ ବିପିନବିହାରୀ ଭୋଇଓ ଆଟଗାଁ ଧରମସିଂମାଝୀ ମାନ୍ଧାତା ସ୍ମୃତିକମିଟିର ଅଧକ୍ଷ କାଳିନ୍ଦ୍ରୀ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । ନିଖିଲ ପୁଟେଲ ଓ ଶିବ ଦଳେଇ ଅମ୍ପାୟାର ଥିବା ବେଳେ ସଂଗ୍ରାମ ରଣା କମେଣ୍ଟ୍ରି କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ନ୍ୟୁଷ୍ଟାର କ୍ରିକେଟକ୍ଲବର ଶିବ ଦଳେଇ,ବିକ୍ରମ ପଶାୟତ,ଶ୍ରୀତମ ମିସ୍ତ୍ରୀ,ଅନୀତା ଷାଣ୍ଢ,ଆଦର୍ଶ କୁଅଁର,କଲତା ଷାଣ୍ଢ,ସିପୁନ ବେହେରା,ଆୟୁଷ ଠାକୁର ଓ ପ୍ରଶାନ୍ତ କୁଅଁର ପ୍ରମୁଖ ସହଯୋଗ କରିଥିଲେ । ୫ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ଓ ଆସନ୍ତା ୧୮ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି ।

# ଲିଟିଲ ଷ୍ଟାର ଗ୍ରୁପର ଶିଶୁ ଓ ଯୁବ ମହୋତ୍ସବ

ନିମାପଡା,୧୬।୧:(ମନ୍ଥନ)ନିଜ ଭିତରେ ନିଜକୁ ଖୋଜି ନିଜ ରୁଚି ଅନୁଯାଇ ନିଜ ଭବିଷ୍ୟତ ଗଢି ବାକୁ ନିମାପଡା ର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଆଜି ଆୟୋଜିତ ୨୩ତମ ଶିଶୁ ଓ ଯୁବ ମହୋତ୍ସବ ଅବସରରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ଆଜି ସ୍ଥାନୀୟ ଅଣ୍ଡିଆ। ସାହି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ,ପତ୍ର ଲିଖନ ଆଦି ବିଭାଗରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା. ପରେ ଗ୍ରୁପ ର ସମ୍ପାଦକ ସୁମନ୍ତ ମହାରଣା ଙ୍କ ସଂଯୋଜନା ରେ ବରିଷ୍ଠ ମଞ୍ଚ କଳାକାର ଗୌର ଦାସ, ଅଭିନେତ୍ରୀ କାବେରୀ ପାତ୍ରୀ,ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ,ପୂର୍ଣ୍ଣ ଚନ୍ଦ୍ର ରାଉତ ସମାଜସେବୀ ସନ୍ତୋଷ ଓଝା ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେବାସହ ପିଲାମାନଙ୍କ ପ୍ରତିଭାକୁ ବେଶ ପ୍ରଂଶସା କରିଥିଲେ । ଏହି ଅବସରରେ ଗ୍ରୁପ ର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ୨୦୨୬ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅତିଥି ଙ୍କ ବିଭିନ୍ନ ମଜାଦାର ଅଭିନୟ ପିଲାମାନଙ୍କୁ ବେଶ ଆମୋଦ ଦେଇଥିଲା. ପରେ କୃତି ପ୍ରତିଯୋଗୀ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଦିବ୍ୟାଙ୍ଗ ଛାତ୍ରୀ ଛାତ୍ର ଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର,ବସନ୍ତ ସ୍ୱାଇଁ,ଉର୍ମିଳା ମହାରଣା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୬।୧:(ମନ୍ଥନ)ପୂର୍ବତନ ବିଧାୟକ ତଥା ଡେରାବିଶ ମାଟିର ସୁଯୋଗ୍ୟ ସନ୍ତାନ କୁଳମଣି ରାଉତଙ୍କ ୭୮ବର୍ଷ ବୟସରେ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ସେ ଚିକିତ୍ସାଧିନ ଥିଲେ। ଏହି ଖବର ପ୍ରସାରଣ ହେବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧିନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ପହଞ୍ଚିବା ପରେ ବହୁ ଅପେକ୍ଷାରତ ଜନସାଧାରଣ ତାଙ୍କ ପ୍ରୀୟ ନେତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳକୁ ନିଆଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାତିରେ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁର ସ୍ଥିତ ତାଙ୍କ ପୈତୃକ ବାସ ଭବନରେ ପହଞ୍ଚିବାପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ଅମାୟିକ ବ୍ୟକ୍ତିତ୍ୱ ଭାବେ ସାଧାରଣରେ ପରିଚିତ ଥିଲେ। ବିଗତ ୧୯୯୦ରୁ ୯୫ ମସିହା ପର୍ଯ୍ୟନ୍ତ ସେ ତତ୍କାଳିନ ବରି-ଡେରାବିଶ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖି କାର୍ଯ୍ୟ କରିଥିଲେ। ତେବେ ଆଜି ତାଙ୍କ ବିୟୋଗ ଖବର ପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଜିଲ୍ଲା କିଷାନ କଂଗ୍ରେସ ସେଲ ଅଧ୍ୟକ୍ଷ ଜୟଦେବ ପରିଡା, ବିଜେଡି ନେତା ରବି ସାମଲ, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତେବେ ସ୍ୱର୍ଗତ ରାଉତଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ,ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର କୁମାର ସିଂହ, ଯୁବନେତା ରାଜେଶ ପଣ୍ଡା, ସରୋଜକାନ୍ତ ନାୟକ, କ୍ରୀଡାବିତ ସାହାଜାନ୍ ଖାନ୍, ଅଧ୍ୟାପକ ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର ମହାଭୋଇ, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରଶ୍ମୀରଞ୍ଜନ ପଣ୍ଡା, ତ୍ରୀଲୋଚନ ରାଉତ, ଯୁବ ସଂଗଠକ ଅଭିମନ୍ୟୁ ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଗଞ୍ଜାମ ପୋଲିସ ଜିଲ୍ଲା ର ଅପରେସନ୍ ଷ୍ଟ୍ରାଇକ୍

ଛତ୍ରପୁର,୧୬।୧:(ମନ୍ଥନ)ପବିତ୍ର ମଂକ୍ରର ସଂକ୍ରାନ୍ତି କୁ ଦୃଷ୍ଟି କୁ ରଖି ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ନିର୍ଦ୍ଦେଶକ୍ରମେ ଅପରାଧୀମାନଙ୍କୁ ଦମନ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗଞ୍ଜାମ ପୋଲିସ ଜିଲ୍ଲାଅପରେସନ୍ ଷ୍ଟ୍ରାଇକ୍ ଗୋଟିଏ ଦିନରେ ବିଭିନ୍ନ ଥାନା ପକ୍ଷରୁ ବେଆଇନ କାରବାର, ଜୁଆ। ଆଡ୍ଡା, ଚୋରା ଖଣିଜ ସାମଗ୍ରୀ ଚାଲାଣ ଉପରେ ଚଢାଉ କରାଯାଇଥିଲା । ବେଆଇନ ବନ୍ଧୁକ କାରବାର ରେ ୩ଟି ମାମଲା ରୁଜୁ ହେବା ସହ ୪ ଜଣ ଗିରଫ, ଗୋଟେ ୭ ଏମ ଏମ ପିସ୍ତଲ, ଦୁଇଟି ଦେଶୀ ବନ୍ଧୁକ ସମେତ ୩ଟି ଗୁଳି ଜବତ ସହ ୪ ଜଣ ଗିରଫ ହୋଇଛନ୍ତି ସେହିପରି ୬ ଟି ଜୁଆ ଆଡ୍ଡା ରେଅଚାନକ ଚଢ଼ାଉ କରାଯାଇ ୩୫ଜଣ ଗିରଫ କରାଯିବା ସହିତ ସେମାନଙ୍କ ଠାରୁ ୮୭ ହଜାର ୫୯୦ଟଙ୍କା ଓ ୧୫ ଟି ଫୋନ ଜବତ କରାଯାଇଛି । ୩୭ଟି ମଦ ମାମଲା ରୁଜୁ କରାଯିବା ସହ ୩୯ ଜଣ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୨୨୪୭.୧୬ ଲିଟର ବେଆଇନ ମଦ ଜବତ ହୋଇଛି । ସେଥିରେ ଆଇଡ଼ି, ଓଏସ ଓ ଏଫଏଲ ମଦ ରହିଛି । ଏହାସହିତ ୨୭୫୦ ଲିଟର ପୋଚ କୁ ନଷ୍ଟ କରାଯାଇଛି । ଆସିକା ଓ କବିସୂର୍ଯ୍ୟନଗର ଥାନା ଅଂଚଳ ରେ ବେଆଇନ ବାଲି ଚୋରା ଚାଲାଣ ବେଳେ ୧୧ ଗାଡି କୁ ଜବତ କରାଯାଇଛି, ଗୋଟିଏ ଏନ ଡି ପିଏସ ମାମଲା ରୁଜୁ କରାଯାଇ ୨୦.୮୦୦ କେଜି ଅବୈଧ ସାମଗ୍ରୀ ଜବତ ସହିତ ୨ଜଣ ଗିରଫ ହୋଇଛନ୍ତି , ୪୭ ଜଣ ପୁରୁଣା ୱାରେଣ୍ଟଙ୍କୁ ଧରାଯାଇଛି । ଏହାସହିତ ଗୋଟିଏ ଦିନ ରେ ସମସ୍ତ ଥାନା ଅଂଚଳ ରେ ବ୍ଲକିଙ୍ଗ କରାଯାଇ ୧୫୬ ଟି ଗାଡି କୁ ଚେକିଂ କରି ଗୋଟିଏ ଚୋରି ସ୍କୁଟି ମିଳିଛି ବୋଲି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି ଏହା ସହିତ ବିଭିନ୍ନ ଲଜ୍ଜ ଓ ହୋଟେଲ ଗୁଡିକୁ ମଧ୍ୟ ଯାଞ୍ଚ କରାଯାଇଛି । ଏପରି କାର୍ଯ୍ୟ ଜାରି ରହିବ ବୋଲି ମଧ୍ୟ ସେ କହିଥିଲେ ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୧୬।୧:(ମନ୍ଥନ)ଆଜି ଜିଲ୍ଲାରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁଭାରମ୍ଭ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଉପସ୍ଥିତ ରହି ଶୋଭାଯାତ୍ରା କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସମସ୍ତେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ । ଏହି ପରିପେକ୍ଷୀରେ ଜିଲ୍ଲପାଳ ଉପସ୍ଥିତ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ କହିଥିଲେ । ଶୋଭାଯାତ୍ରା କାର୍ଯ୍ୟକ୍ରମରେ ରାଜା ଚୈତନ୍ୟ ଦେବ ନୋଡାଲ ହାଇ ସ୍କୁଲ୍ ର ଛାତ୍ର ଛାତ୍ରୀ, ଆର୍ ଟି ଓ,ଡି ଇ ଓ, ଅଧୀକ୍ଷଣ ଯନ୍ତ୍ରୀ, ଆର୍ ଏଣ୍ଡ ବି, ସି ଡି ଏମ ଓ,ଟ୍ରାଫିକ ଇନ୍ସପେକ୍ଟର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସମେତ ନବରଙ୍ଗପୁର ଡ୍ରାଇଭର ସଂଘ କର୍ମକର୍ତ୍ତା ସାମିଲ ହୋଇ ଥିଲେ । ଶୋଭାଯାତ୍ରା ରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସଡକ ସୁରକ୍ଷା ସମ୍ବଧୀୟ ସ୍ଲୋଗାନ, ଲିଫ୍ଲେଟ ବଣ୍ଟନ କରାଯାଇଥିଲା ।

# ଆଞ୍ଚଳିକ ମନ୍ଥନ

ଶନିବାର,୧୭,ଜାନୁଆରୀ,୨୦୨୬ Saturday,17 January 2026, Bhubaneswar






## ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷା-୨୦୨୫ ଫଳ ପ୍ରକାଶ

ବୁଗୁଡ଼ା,୧୬।୧:(ମନ୍ଥନ)ସ୍ଥାନୀୟ ଗୋଷ୍ଠୀଦଶିକ୍ଷାଧକାରୀଙ୍କ କାର୍ଯାଳୟ ପକ୍ଷରୁ ୨୦୨୫ ମସିହାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ପ୍ରକାଶିତ ଫଳାଫଳ ପ୍ରକାରେ ତୃତୀୟ ଶ୍ରେଣୀର ମେରିଟ୍ ତାଲିକାରେ ବିରଞ୍ଚିପୁର ୟୁପି ସ୍କୁଲର ଆଦର୍ଶ ପ୍ରଧାନ-୧ମ, ବୁଗୁଡ଼ା ଶୋଭନୀୟ ପବ୍ଲିକ୍ ସ୍କୁଲର ଶ୍ରୀୟାଂଶୁ ତ୍ରିପାଠୀ-୨ୟ ଓ ସାଇ ସ୍ୱରାଜ ପଣ୍ଡା-୩ୟ, ପାଙ୍ଗିଡି ୟୁପି ସ୍କୁଲର କେ.ରାଣୀ ଦୋରା-୪ର୍ଥ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ବାଣୀଶ୍ରୀ ମିଶ୍ର-୫ମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୁଗୁଡ଼ାର ଅମିତ କୁମାର ସାହୁ-୬ଷ୍ଠ, ବାଲିପଦର ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରିୟାଂସି ବଡୁ-୭ମ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ସେହି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାର ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେ କରସିଙ୍ଗି ଅପଗ୍ରେଡ୍ ହାଇସ୍କୁଲର ପ୍ରଜ୍ଞା ପାରମିତା ପ୍ରଧାନ-୧ମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଳମ୍ବର ସାଇ ପ୍ରସାଦ ପରିଡା-୨ୟ ଓ ପ୍ରତ୍ୟୁଷ୍ ରଞ୍ଜନ ପରିଡା-୪ର୍ଥ, ବାଲିପଦର ଏସ୍ଏ ପିଏସକେର ଆଶୀର୍ବାଦ ମହାରଣା-୩ୟ, ଟାକରଡା ଅପଗ୍ରେଡ୍ ହାଇସ୍କୁଲର ମଧୁସ୍ମିତା ପଗଡ-୫ମ, କାଦପଡା ପ୍ରାଇମେରୀ ସ୍କୁଲର ମମତା ଭୂୟା-୬ଷ୍ଠ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ଜିଜ୍ଞାସା ମହାରଣା-୭ମ ସ୍ଥାନରେ ରହିଛନ୍ତି । ସେହିପରି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳାଫଳର ମେରିଟ୍ ତାଲିକାରେ ଦସିପୁର ପ୍ରାଇମେରୀ ସ୍କୁଲର ସ୍ୱାତୀ ଶୁଭଦର୍ଶନୀ-୧ମ ଓ ସୁରଭି ମଞ୍ଜରି ରଥ-୩ୟ , ସୋରଡ ପ୍ରାଇମେରୀ ସ୍କୁଲର ଶୁଭଶ୍ରୀ ବେହେରା-୩ୟ ଓ ପ୍ରିୟାଂସି ବିଷୋୟୀ-୬ଷ୍ଠ, ମା ସରସ୍ୱତୀ ଶିଶୁ ମନ୍ଦିର କଳମ୍ବର ବିଷ୍ଣୁପ୍ରିୟା ବେହେରା-୪ର୍ଥ ଓ ଶ୍ରାବଣୀ ସାହୁ-୭ମ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ପାର୍ଥ ସାରଥି ଗୌଡ-୫ମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସେହି ପଞ୍ଚମ ଶ୍ରେଣୀ ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେ ତାଳସାକର ୟୁପିଏସର ବର୍ଷା ଗୌଡ-୧ମ ଓ ଆଦ୍ୟାଶା ସାହୁ-୩ୟ, ମା ସରସ୍ୱତୀ ଶିଶୁ ମନ୍ଦିର କଳମ୍ବର ସ୍ୱାତୀ ସ୍ୱରୂପା ସ୍ୱାଇଁ-୨ୟ, ମହୁଲପଲ୍ଲୀ ୟୁପିସ୍କୁଲର ଦିବ୍ୟ ଦର୍ଶନ ପାତ୍ର-୪ର୍ଥ , ବୁଗୁଡ଼ା ଗୋଲାସାହି ପ୍ରାଇମେରୀ ସ୍କୁଲର ସୌମ୍ୟ ରଞ୍ଜନ ଘଡେଇ-୫ମ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅର୍ପିତ ଶ୍ୟାମ ସାଇ ପାଢୀ-୬ଷ୍ଠ, ଚଢିଆପଲ୍ଲୀ ପ୍ରାଇମେରୀ ସ୍କୁଲର ଝିଲ୍ଲୀ ଗୌଡ-୭ମ ସ୍ଥାନରେ ପ୍ରକାଶ ଯୋଗ୍ୟ ଯେ, ଗତ ୨୨ ନଭେମ୍ବର ୨୦୨୫ରେ ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ତୃତୀୟ ଶ୍ରେଣୀର ୧୫୪ ଜଣ ଏବଂ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପଞ୍ଚମ ଶ୍ରେଣୀର ୧୩୫ ଜଣ ଛାତ୍ରଛାତ୍ରୀ ଉକ୍ତ ମେଧାବୃତ୍ତି ପରୀକ୍ଷା ଦେଇଥିଲା ବେଳେ ଏବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କୃତି ଛାତ୍ରଛାତ୍ରୀମାନେ ଉତ୍ସାହିତ ଥିବା ଜଣାଯାଇଛି ।

## ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ

ଅନୁଗୋଳ,୧୬।୧:(ମନ୍ଥନ) ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆଜି ପୂର୍ବାହ୍ନରେ ବିଜୁମଇଦାନ ଠାରେ ଉଦଘାଟିତ ହୋଇଯାଇଛି । ଏହି ମେଳା ଆଜି ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୭ ଦିନଧରି ଚାଲିବ । ଜିଲ୍ଲା ଉତ୍ପାଦଗୁଡିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲ୍ଲା ସ୍ତରରେ ପ୍ରଦର୍ଶନକରିବା ଏହି ଶକ୍ତି ମେଳାର ଲକ୍ଷ୍ୟ । ମହିଳା ସଶକ୍ତିକରଣକୁଆଧାର କରି ଏହି ମେଳାରେ ମୋଟ୧୨୫ ଟି ଷ୍ଟଲର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ମହିଳାମାନଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡିକ ଠିକ୍ଭାବରେ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ନାରୀ ଶକ୍ତି ସଶକ୍ତ ଓସ୍ୱାବଲମ୍ବୀ ହେଲେ ସମାଜର ବିକାଶ ସମ୍ଭବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥାସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାରମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ




ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଶ୍ରୀ ଗୌରବମୟ ପ୍ରଧାନ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ବିଶ୍ୱ ଭୂଷଣ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ ଧଳ,ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିମନ ମଲ, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମସଂଯୋଜକ ଶ୍ରୀ ଲମ୍ବୋଦର ବାସ୍କେଙ୍କ ସମେତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## କବିସୂର୍ଯ୍ୟନଗରରେ ଧାନ ମଣ୍ଡି ଉଦଘାଟନ କଲେ ବିଧାୟକ

କବିସୂର୍ଯ୍ୟନଗର,୧୬।୧:(ମନ୍ଥନ)କବିସୂର୍ଯ୍ୟନଗର ରେ ଶୁଭାରମ୍ଭ ହେଲା ମଣ୍ଡି । ବିଳମ୍ବରେ ହେଲେ ମଧ୍ୟ କବିସୂର୍ଯ୍ୟନଗର ସେବା ସମବାୟ ସମିତି ପକ୍ଷରୁ ମଣ୍ଡି ଶୁଭାରମ୍ଭ ହୋଇଯାଇଛି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଣ୍ଡି



ଉଦଘାଟନ କରିଥିବା ବେଳେ ସମବାୟ ସମ୍ପାଦକ ତତ୍ତ୍ୱମସି ପରିଡ଼ା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ସମବାୟ ସଭାପତି ମନ୍ମଥ ପରିଡ଼ା, ଯୋଗାଣ ଅଧିକାରୀ ଶିବାରମ ମିଶ୍ର, ମଣ୍ଡଳ ସଭାପତି ଅଶୋକ କୁମାର ଜେନା, ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ରାମ ପ୍ରସାଦ ମହାରଣା, ଶିବ ପ୍ରସାଦ ପଣ୍ଡା ବିଶ୍ୱଜିତ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଚାଷୀ ତାର ଅମଳ ଧାନ. ବିକ୍ରି କରି କିପରି ଉଚିତ ମୂଲ୍ୟ ପାଇ ପାରିବ ସେ ନେଇ ବକ୍ତା ମାନେ ସଚେତନ କରିଥିବା ବେଳେ, ଚାଷୀ ଙ୍କୁ ଶୋଷଣ ମୁକ୍ତ କରି ଉଚିତ ମୂଲ୍ୟ ପ୍ରଦାନ କରିବା ସହ ଚାଷୀଙ୍କ ଅସୁବିଧା କୁ ଦୃଷ୍ଟି ଦେବାକୁ ବିଧାୟକ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ସଭାରେ ବହୁ ଚାଷୀ ଯୋଗ ଦେଇ ନିଜ ନିଜ ଅସୁବିଧା କୁ ବିଧାୟକ ଙ୍କୁ ଅବଗତ କରିଥିବା ଜଣାଯାଇଛି ।

## ପିଏମ୍ ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର 'ପିଏମ୍ ଶ୍ରୀ ଉତ୍ସବ' ପାଳିତ

ଭଦ୍ରକ, ୧୬।୧:(ମନ୍ଥନ)ସୋମବାର ସ୍ଥାନୀୟ ପିଏମ୍ ଶ୍ରୀ ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର 'ପିଏମ୍ ଶ୍ରୀ' ଉତ୍ସବ ପାଳିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ଭଦ୍ରକ ମାନ୍ୟବର ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ତାଙ୍କର ବକ୍ତବ୍ୟରେ ପିଏମ୍ ଶ୍ରୀ ବିଦ୍ୟାଳୟ କିପରି ଅନ୍ୟସମସ୍ତ ବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ ତାହାର ଆହ୍ୱାନ ଦେଇଥିଲେ। ଉତ୍ସବଟିକୁ ସରସ ସୁନ୍ଦର ତଥା ମହା ସମାରୋହରେ ଆୟୋଜନ କରାଯାଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଶିକ୍ଷା କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର କାର୍ଯ୍ୟଧାରା ଓ ଗୁରୁତ୍ୱ ବଖାଣିଥିଲେ। ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଗାଶଙ୍କର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର ଭୂମିକା କିପରି



ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶରେ ସହାୟକ ତାହା ସରଳ ଭାବେ ବୁଝାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶରେ ଜାତୀୟ ଶିକ୍ଷାନୀତି - ୨୦୨୦ ର ଭୂମିକା ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଶ୍ରୀ ରବିନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ତରୁଣ କୁମାର ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍ଯାପନୀ ସଭାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭଦ୍ରକ, ରସାୟନ ବିଭାଗ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ଯୋଗ ଦେଇଥିଲେ। ଉତ୍ସବରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ପୁରସ୍କାର ବିତରଣ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ଯାତ୍ରା, ଭଜନ ଓଡ଼ିଶା-୨୦୨୬ ଓ ଟ୍ୟାଲେଣ୍ଟ ଗ୍ୟାଲେରୀ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମଟିର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ପରିଚାଳନାଗତ ସହଯୋଗ କରିଥିଲେ।

## ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ଅନୁଗୁଳରେ ସ୍ୱାଗତ

ଅନୁଗୁଳ,୧୬।୧:(ମନ୍ଥନ)ରିଖ ଭାରତକୁ ଆମ୍ରିକ ରୂପରେ ସୁରକ୍ଷିତ,ସମୃଦ୍ଧ ଏବଂ ସ୍ୱାବଲମ୍ବୀ ବନେଇବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ,ଓଡ଼ିଶା ପୂର୍ବ ପ୍ରାନ୍ତ ପକ୍ଷରୁ ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ପୁରୀ ଶ୍ରୀମନ୍ଦିର ଠାରୁ ସ୍ୱଦେଶୀ ସଂକଳ୍ପ ଯାତ୍ରା ପୂର୍ବ ଓଡ଼ିଶା ପରିଭ୍ରମଣ କରୁଅଛି । ଏହି କ୍ରମରେ ଶୁକ୍ରବାର ଅପରାହ୍ନରେ ଅନୁଗୁଳ ଜିଲ୍ଲାରେ ଏହି ସଂକଳ୍ପ ଯାତ୍ରା ପହଞ୍ଚିଥିଲା । ଅନୁଗୁଳ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏହି ଯାତ୍ରାକୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଗତ




କରାଯାଇଥିଲା । ଯେଉଁଥିରେ, ଆମ ଘରେ,ବ୍ୟାପାର ରେ ମୁଁ ସ୍ଥାନୀୟ ଦେଶୀ ଓ ସ୍ୱଦେଶୀ ବସ୍ତୁ କୁ ଅଗ୍ରାଧିକାର ଦେବି ଚାଇନିଜ୍,ତୁର୍କୀ, ଆମେରିକୀୟ ତଥା ଅନ୍ୟ ବିଦେଶୀ କମ୍ପାନୀ ବସ୍ତୁର ବ୍ୟବହାର ବା ପ୍ରୟୋଗ ଉପରେ ଅଙ୍କୁଶ ଲଗାଇବି । ସ୍ୱଦେଶୀ ବସ୍ତୁର କ୍ରୟ,ବିକ୍ରୟ,ସ୍ୱ ଭାଷା,ଭୂଷା,ପର୍ବ ପର୍ବାଣୀ, ଆଦିକୁ ଆଗ୍ରହରେ ପ୍ରାଥମିକତା ଦେବି । ପ୍ରତି ଘରେ ସ୍ୱଦେଶୀ ପ୍ରତି ଯୁବା ଉଦ୍ୟମୀ ର ବିଚାରକୁ ଜନ ମାନସ ରେ ପହଞ୍ଚାଇବା ପାଇଁ ଅଧିକ ପ୍ରୟାସ କରିବି । ବିଶ୍ୱ ପଟଳ ରେ ଭାରତକୁ ଅର୍ଥନୈତିକ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ପ୍ରଯନ୍ତ କରିବି ବୋଲି ଉପସ୍ଥିତ ଜନତା ସଂକଳ୍ପ ପାଠ କରିଥିଲେ । ସେହିଭଳି ଗାନ୍ଧୀ ମାର୍ଗ ଶିଶୁ ମନ୍ଦିର ଠାରେ ମଧ ଏହି ସଂକଳ୍ପ ଯାତ୍ରାର ରଥକୁ ସ୍ୱାଗତ କରିବା ସହିତ ସଂକଳ୍ପ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଅଭୟ ରାୟ, ଶ୍ରୀଗୋପାଳ ମୁନ୍ଦ୍ରା,ଅମୀୟ କୁମାର କର, ଗୋପବନ୍ଧୁ ସାହୁ, ସୁଶୋଭିତ ସାହୁ, ଜୟନ୍ତ କର ଓ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଫକିର ମୋହନ ଜୟନ୍ତୀ ଓ ମକର ସଂକ୍ରାନ୍ତି ପାଳିତ

ଜଳେଶ୍ୱର,୧୬।୧:(ମନ୍ଥନ)ଜଳେଶ୍ୱର ପୌରାଞ୍ଚଳସ୍ଥିତ ଟାଉନ୍ ହାଇସ୍କୁଲ ପରିସରରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକିର ମୋହନଙ୍କ ୧୮୨ତମ ଜନ୍ମ ଜୟନ୍ତୀ ଓ ମକର ପର୍ବ ସାହିତ୍ୟ ସଂସ୍କୃତି ସଂସଦ ଓ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ପ୍ରାକ୍ତନ ଅଧକ୍ଷ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର ସଭାପତିତ୍ୱ କରି ମକର ସଂକ୍ରାନ୍ତିରେ ସୂର୍ଯ୍ୟ ଉପାସନା ଓ ଫକୀରମୋହନଙ୍କ ଜୀବନ ଆଦର୍ଶ ଓ ଅନବଦ୍ୟ ସାହିତ୍ୟ ସର୍ଜନା ସମ୍ପର୍କରେ ଭାଷଣ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ବୌଦ୍ଧିକ ଶିକ୍ଷା ଜାଗ୍ରତ ହେବା ସହିତ ସାହିତ୍ୟ ସଂସ୍କୃତି ଶ୍ରଦ୍ଧାର ସହ ଅନୁପାଳନ ହେବା ଆବଶ୍ୟକ ବୋଲି କହିଥିଲେ । ସଂସଦର ସଭାପତି ବରିଷ୍ଠ ଆଇନଜୀବି ଚିନ୍ମୟ କୁମାର ଦାସ, ସଂସଦର ସମ୍ପାଦକ ବନମାଳୀ ଧଳ ମଞ୍ଚାସୀନ ହୋଇ ଫକୀର ମୋହନ ସେନାପତିଙ୍କ ଓଡ଼ିଆ




ସାହିତ୍ୟ ପ୍ରତି ଅନବଦ୍ୟ ଅବଦାନ ଓ ତାଙ୍କ ବୁଦ୍ଧିମତା ସମ୍ପର୍କରେ ଆଲୋକପାତ କରିଥିଲେ ।ଅନ୍ୟ ଉପସ୍ଥିତ ଅତିଥି ମଧ୍ୟରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟିର ସମ୍ପାଦକ କମଳ କୁମାର ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧକ୍ଷ ଜିତାରାମ ଦେ,ଅବସରପ୍ରାପ୍ତ ଅଧକ୍ଷ ଡ. ରମାକାନ୍ତ ଭଞ୍ଜ,ବରିଷ୍ଠ ଆଇନଜୀବି ସତ୍ୟ ସୁନ୍ଦର ଦାସ,ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ସମାଜସେବୀ ଦିଲ୍ଲୀପ ଗିରି, ଆଇନଜୀବୀ ରାମଚନ୍ଦ୍ର ଜେନା,ଜିତାଂଶୁ ନନ୍ଦୀ,ଅଶୋକ ଦାସ, ଡଃ ଅଜିତ କୁମାର ମହାନ୍ତି,ବିକାଶ କୁମାର ଧର,ବନ ବିହାରୀ ପ୍ରଧାନ, ସୁକୁମାର ରଣା,ଇଂ ଶ୍ରୀମନ୍ତ ଘୋଷ,ଭାଗବତ ପରିଡ଼ା, ପ୍ରାଣକୃଷ୍ଣ ଗିରି,ଘନଶ୍ୟାମ ଗିରି,ରବୀନ୍ଦ୍ର ପାତ୍ର,ରାମ ଭରସ ସାହୁ ପ୍ରମୁଖ ସାହିତ୍ୟ ଚର୍ଚ୍ଚାର ଅଂଶ ଗ୍ରହଣ କରିଥିଲେ । ଉତ୍କଳ ସମ୍ମିଳନୀର ଶାଖା ସମ୍ପାଦକ ସୁନିଲ୍ କୁମାର୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସତ୍ୟ ନାରାୟଣ ମନ୍ଦିର ସମ୍ମୁଖରେ ମକର ଭୋଗ ବଣ୍ଟନ କରାଯାଇଥିଲା ।

## ନାହାଙ୍ଗ ସେବା ସମବାୟ ସମିତି ଲିଃ. ତରଫରୁ ଧାନମଣ୍ଡି ଉଦ୍ଘାଟିତ

ମାହାଙ୍ଗା,୧୬।୧:(ମନ୍ଥନ)ମାହାଙ୍ଗା ବ୍ଲକର ଗୋତର ପଂଚାୟତସ୍ଥିତ ଗୋତରା ଠାରେ ନାହାଙ୍ଗ ସେବା ସମବାୟ ସମିତି ଲିଃ. ପକ୍ଷରୁ ଚଳିତବର୍ଷ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଛି। ଚାଷୀମାନେ କିଭଳି ମଣ୍ଡିରେ ଧାନ ବିକ୍ରି କରିପାରିବେ ସେ ସଂପର୍କରେ ସେବା ସମବାୟ ସମିତିଲିଃ. ର ସଭାପତି ସନ୍ତୋଷ କୁମାର ମହାପାତ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂପାଦକ ମନୋରଂଜନ ମହାପାତ୍ର, ନୋଡାଲ ଅଫିସର ସୁଧିର ରଂଜନ ମହାପାତ୍ର, ଡିଇଓ ସୁରେନ୍ଦ୍ର କୁମାର ସେନାପତି, ଚାଷୀ ସୁଧାଂଶୁ ମୋହନ ସିଂ, ଭାସ୍କର ସାହୁ, ରବିନ୍ଦ୍ରନାଥ ମଲିକ, ଶ୍ରୀନିବାସ ଭୂୟାଁ, ଛଚିନ୍ଦ୍ର ଗୋଛାୟତ, ରମେଶ ଚନ୍ଦ୍ର ସେନାପତିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ସେମାନଙ୍କର ସମସ୍ୟା ଉପସ୍ଥାପନ କରିବା ସହ ଚଳିତବର୍ଷ କିଭଳି ଭାବରେ ସୁରୁଖୁରୁରେ ଧାନ ବିକ୍ରୟ କରାଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ।

## ସହୀଦ ଯବାନ ବୀର ବିକ୍ରମ ସାହୁଙ୍କ ୩୫ ତମ ଜୟନ୍ତୀ ପାଳିତ

ମାହାଙ୍ଗା,୧୬।୧:(ମନ୍ଥନ)ଦେଶପାଇଁ ଜୀବନକୁ ବଳିଦାନ ଦେଇଥିବା ବୀର ଯବାନ ବିକ୍ରମ ସାହୁ ଥିଲେ ଜଣେ ନିର୍ଭିକ ରାଷ୍ଟ୍ର ଭକ୍ତ। ଆଜିର ଯୁବପିଢିଏଭଳି ବୀର ସୈନିକ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସହୀଦଙ୍କ ଜନ୍ମ ଜୟନ୍ତୀରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଥିଲେ । ସହୀଦ ବୀର ବିକ୍ରମ ସ୍ମୃତି କମିଟି ସିପୁରା,ଆନୁକୂଲ୍ୟରେ ସହୀଦ ବିକ୍ରମ ସାହୁଙ୍କ ଜୟନ୍ତୀ ଉତ୍ସବ ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ଏହି ବୀର ଯବାନ ମାହାଙ୍ଗା ବ୍ଲକର ପ୍ରଥମ ସହୀଦ ହୋଇଥିବା ବେଳେ, ଦନ୍ତେୱାଡା ଠାରେ ନକ୍ସଲ ଆକ୍ରମଣ ସମୟରେ ପ୍ରାଣ ହରାଇଥିବା ଯବାନ ବିକ୍ରମ ସାହୁଙ୍କ ପାର୍ଥିବ ଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର ପରେ ସରକାରୀ ଭାବେ କୌଣସି କାର୍ଯ୍ୟକ୍ରମ କରାଯାଇନାହିଁ । ତେବେ ଏହି ଅମର ଯବାନଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ହାତକୁ ନିଆନଯିବା ଦୁର୍ଭାଗ୍ୟ ଜନକ ବୋଲି ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥି ମାନେ ମତ ପୋଷଣ କରିଥିଲେ । ଏହି ଜୟନ୍ତୀ ସଭାରେ କବି ପ୍ରଶାନ୍ତ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସହୀଦ ବୀର ବିକ୍ରମଙ୍କ ଦେଶଭକ୍ତି ଓ ତ୍ୟାଗର ପଟ୍ଟାନ୍ତର ନାହିଁବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ। କହିଲେ,ମା' ମାଟି ଓ ମାତୃଭୂମିର ଜୟଗାନରେ ଶତମୁଖର ଏହି ବୀର ଯବାନ ବିକ୍ରମ ସାହୁଙ୍କ ପାଇଁ ଆମେ ଗର୍ବିତ । ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା,ପୂର୍ବତନ ନାୟବ ସରପଞ୍ଚ ବଟକୃଷ୍ଣ ଦାଶ,ନିହାରକାନ୍ତି ହରିଚନ୍ଦନ, ଯୁବ ସଂଗଠକ ସାମ୍ବାଦିକ ଅଶୋକ ଦାଶ,କଣ୍ଠଶିଳ୍ପୀ ଜଗଦାନନ୍ଦ ରାଉତରାୟ,ଏବଂ ରଂଜିତ ଦାସ ପ୍ରମୁଖ ଯୋଗଦେଇଥିଲେ । ବୀର ବିକ୍ରମ ସ୍ମୃତି କମିଟିର ସଭାପତି ପ୍ରଦୀପ୍ତ ରାଉତରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବାବାଜୀ ଚରଣ ସାହୁ, ସଂଗ୍ରାମ ସାହୁ,ଅକ୍ଷୟ ସାହୁ, ବିଶ୍ୱଜିତ ସାହୁ,ରଞ୍ଜନ ମହାନ୍ତି,ଜୟଶ୍ରୀ ସାହୁ, ଗିରିଜା ନନ୍ଦନ ରାଉତରାୟ,ଆଲୋକ ଜେନା ପ୍ରମୁଖ ପରିଚାଳନା କରିଥିଲେ । ସୁନୁପେଇ ବିଦ୍ୟାପୀଠ ସିପୁରାର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାର୍ଥୀ ଏବଂ ମୂଳବସନ୍ତ ଗ୍ରାମ ପଞ୍ଚାୟତର ବହୁ ବୁଦ୍ଧିଜୀବୀ ତଥା ସାଧାରଣ ଜନତା ସାମିଲ ହୋଇଥିଲେ ।

## ଏସ୍ ଉଇ କ୍ୟାନ୍ର ଉପସଭାପତିଙ୍କ ମାତୃବିୟୋଗରେ ଶୋକ

ମାହାଙ୍ଗା,୧୬।୧:(ମନ୍ଥନ)ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତର ଗୋପାଳପୁର ଠାରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍ ଉଇ କ୍ୟାନ୍ର ଉପସଭାପତି ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ପ୍ରଦିପ୍ତ କିଶୋର ନାଥଶର୍ମାଙ୍କର ମାତା ରତ୍ନମଣି ନାଥଶର୍ମା ୯୩ବର୍ଷ ବୟସରେ ଗୋପାଳପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କର ବଡପୁତ୍ର ପ୍ରଫେସର ପ୍ରସନ୍ନ କୁମାର ନାଥଶର୍ମା ନାତି,ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଜ୍ଞାତି, କୁଟୁମ୍ବ ଓ ପରିବାରଜନଙ୍କ ଉପସ୍ଥିତିରେ ରତ୍ନମଣି ଶେଷକୃତ୍ୟ ସଂପନ୍ନ ହୋଇଥିଲା। ସେ ଜଣେ ସ୍ନେହୀ ଓ ମହୀୟସୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ପରିଚିତା ଥିଲେ। ତାଙ୍କ ବିୟୋଗରେ ଏସ୍ ଉଇ କ୍ୟାନ୍ର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳ ଓ ସଂଗଠନର ସମସ୍ତ ସଦସ୍ୟ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ଧର୍ମପରାୟଣ ମହିଳା ସଜନୀସ୍ୱାଇଁଙ୍କ ପରଲୋକ

ପାରାଦୀପ,୧୬।୧:(ମନ୍ଥନ)ପାରାଦୀପ ତଥା ଜଗତସିଂହପୁର ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ସୁମନ୍ତ ସ୍ୱାଇଁ ଙ୍କ ଜେଜେ ମା ଧର୍ମପରାୟଣା ମହିଳା ସଜନୀ ସ୍ୱାଇଁ ଙ୍କର ୯୧ ବର୍ଷ ବୟସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ଗ୍ରାମରେ ଶୁକ୍ରବାର ଦିନ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ । ତାଙ୍କର ପରଲୋକ କୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତା ସଜନୀ ସ୍ୱାଇଁ ସ୍ଥାନୀୟ ଅଞ୍ଚଳରେ ଜଣେ ସମାଜସେବୀ ଭାବେ ବେଶ ପରିଚିତ ଥିଲେ । ଏଥିସହିତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ ଏବଂ ଧାର୍ମିକ ଅନୁଷ୍ଠାନଗୁଡିକ ସହିତ ଜଡିତ ରହି ବିଭିନ୍ନ ସମାଜ ସଂସ୍କାର କାର୍ଯ୍ୟ କୁ ତ୍ୱରାନିତ କରିବା କାର୍ଯ୍ୟ କରୁଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ପୁତ୍ର ପ୍ରତାପ ସ୍ୱାଇଁ ମୁଖାଗ୍ନି ଦେଇଥିଲେ ।

## ଖେଳ ମଣିଷକୁ ମାନସିକ ଶାନ୍ତି ଦିଏ

ମାହାଙ୍ଗା,୧୬।୧:(ମନ୍ଥନ) ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ପିଏମ୍ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଚୌ.ପ୍ରସନ୍ନ କୁମାର ପ୍ରହରାଜ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ସରୋଜ କାନ୍ତ ମହାପାତ୍ର, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ବ୍ରଜସୁନ୍ଦର ନାୟକ, ସମ୍ମାନୀତ ବକ୍ତା ଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ସହ ଖେଳ ମଣିଷକୁ ମାନସିକ ଶାନ୍ତି ପ୍ରଦାନ କରେ। ଖେଳ ମଣିଷର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଲକ୍ଷ୍ୟ ବିନା ସଫଳତା ମିଳିବା କଷ୍ଟକର ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ମଂଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅବସରରେ




ଅତିଥିମାନେ କ୍ରୀଡା ପ୍ରତିଯୋଗିତାରେ ଚମ୍ପିଅନ ରାକେଶ ପ୍ରଧାନ, ସୁମେୟା ଫିରଦୋଷ୍, ଅନିଲ ଭୋଇ, ବର୍ଷାରାଣୀ ସୁତାର, ଜ୍ଞାନରଂଜନ ବାରିକ, ସୁହାସିନୀ ରାଉତ, ଦିବ୍ୟଜ୍ୟୋତି ସାହୁ, ଷ୍ଟୁଡେଣ୍ଟ ଅଫ ଇଅର ଲିପ୍ସା ମିଶ୍ର, ଭଲ ସ୍ୱେଚ୍ଛାସେବୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଦାସ, ନୃତ୍ୟ ଶିକ୍ଷକ କୈଳାସ ଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ବିଭାଗରେ କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ରମାକାନ୍ତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଲିସା ପ୍ରଧାନ, ସୁଚିତ୍ରା ମଲ୍ଲିକ,ରଶ୍ମିତା ଛାଟୋଇ, ସ୍ୱପ୍ନା ଦାସ, ପଦ୍ମାଳୟା ସିଂ, ବାସନ୍ତୀ ସୋରେନ୍, ମମତା ଜେନା, ଶିକ୍ଷକ ପ୍ରେମାନନ୍ଦ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଶିକ୍ଷାକର୍ମଚାରୀ ପ୍ରମୋଦ କୁମାର ପାତ୍ର, ବ୍ରଜକିଶୋର ବାରିକ ସହଯୋଗ କରିଥିଲା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ଦିପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭ୍ୟ/ସଭ୍ୟା, ଅଭିଭାବକ, ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ।

## ଦିବ୍ୟାଙ୍ଗ ମାନେ ସମାଜ ପାଇଁ ବୋଝ ନୁହନ୍ତି

ପୁରୀ,୧୬।୧:(ମନ୍ଥନ)ଦିବ୍ୟାଙ୍ଗ ମାନେ ସମାଜର ଏକ ଅଙ୍ଗ।ସେମାନେ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମାନ ଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କଲେ ସେମାନେ ସମାଜର ସମ୍ବଳ ପାଲଟିବେ । ସେମାନଙ୍କ ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ଆମେ ସାମୁହିକ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା । ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏସଭିନିରତାର ସହାୟତାରେ ପର୍ପଲ ଫେୟାର ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ପ୍ରତ୍ୟେକ ଙ୍କ ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି ।ଏହାର ଉପଯୁକ୍ତ ବିକାଶ ହେଲେ ସେମାନେ ସମାଜର ସମ୍ବଳ ପାଲଟନ୍ତି।ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା କୁ ପରିପ୍ରକାଶ ପାଇଁ ଏହି ଭଳି ମଞ୍ଚ ହିଁ ବଡ ପ୍ଲାଟଫର୍ମ ବୋଲି ସେ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚନ୍ଦ ନାୟକ, ଜିଲ୍ଲାଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ। ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ନିରତାର ର ଉପ ନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରାଣାଳୟ ପକ୍ଷରୁ ନିରତାର ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପର୍ପଲ ମେଳା ଆୟୋଜିତ କରାଯାଉଛି ।ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାରେ ଏହା ସରିଥିବା ବେଳେ ଆଜି ପୁରୀ ରେ ହେଉଛି । ଆଗାମୀ ଦିନରେ ସମସ୍ତ ଜିଲ୍ଲା ମାନଙ୍କ ରେ ଏହା ଆୟୋଜନ କରାଯିବା ସହ ଦିବ୍ୟାଙ୍ଗ ପ୍ରତିଭା ମାନଙ୍କୁ ଉତ୍ସାହିତ କରାଯିବ ବୋଲି ସେ କହିଥିଲେ। ପରେ ଅତିଥି ମାନେ ପ୍ରଦର୍ଶନୀ ମେଳା କୁ ଉଦଘାଟନ ଓ ପରିଦର୍ଶନ ସହ ଝୋଟି ପ୍ରତିଯୋଗିତା କୁ ନିରୀକ୍ଷଣ କରିଥିଲେ । ପରେ ଦିବ୍ୟାଙ୍ଗ ପ୍ରତିଭାଧାରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଶନିବାର, ୧୭ ଜାନୁଆରୀ ,୨୦୨୬ ଭୁବନେଶ୍ୱର
SATURDAY, 17 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଗୁରୁବାରର ମାଜଣା

### କବୀର କୁମାର ଜେନା

ସମଗ୍ର ବିଶ୍ୱ କୋଟିର ମାଲିକ ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ। ଇତିହାସରୁ ଆଜି ପର୍ଯ୍ୟନ୍ତ ଏହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ପଦ୍ଧତି ସମସ୍ତଙ୍କ ମନରେ ସୃଷ୍ଟି କରି ଆସିଛି ଅଜସ୍ର ବିସ୍ମୟ ଓ ଉନ୍ମାଦନା। ଭାରତୀୟ ଆଧ୍ୟାତ୍ମିକ ତତ୍ତ୍ୱକୁ ପରିପୃଷ୍ଟ କରିବାରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଗୋଟାଏ ଜାତିର ସର୍ବଶ୍ରେଷ୍ଠ ଅବଦାନ। ମହାପ୍ରଭୁଙ୍କ ଲୀଳା ଅନନ୍ୟ ଆଉ ତାଙ୍କ ଦିନଚର୍ଯ୍ୟା ମଧ୍ୟ ବାସ୍ତବରେ ଶ୍ରେଷ୍ଠ ଓ ସ୍ୱତନ୍ତ୍ର ଓ ଅନେକ ରହସ୍ୟ ତଥା ଜିଜ୍ଞାସାର କାରଣ। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ନିର୍ବାହ ହୋଇଥାଏ। ମହାପ୍ରଭୁଙ୍କ ବିଜେ ପ୍ରତିମା କୁହାଯାଉଥିବା ଶ୍ରୀମଦନମୋହନ ଏବଂ ରତ୍ନସିଂହାସନରେ ନିତ୍ୟ ଆରାଧ୍ୟ ପୂଜିତ ଭୂଦେବୀ ଓ ଶ୍ରଦେବୀଙ୍କୁ ନେଇ ସମ୍ପନ୍ନ ହୋଇଥାଏ ବିଭିନ୍ନ ନୀତି। ସେ ନୀତି ଗୁଡ଼ିକ ଭିତରୁ ଗୁରୁବାର ଦିନ ସାପ୍ତାହିକ ନୀତି ଭିତରେ ସ୍ଥାନ ପାଇଥାଏ 'ଏକାନ୍ତ' ନୀତି ଓ 'ମାଜଣା ନୀତି'।

ଆମ ଓଡ଼ିଆ ଶବ୍ଦକୋଷରେ ମାଜଣା ସଂସ୍କୃତ ଶବ୍ଦ 'ମାର୍ଜନା'ରୁ ଆସିଛି ଯାହାର ମୂଳ ଅର୍ଥ ହେଉଛି ଦେବାଦେବୀ ବା ରାଜା ମହାରାଜଙ୍କ ସ୍ନାନ ନୀତି। ଏହି ଆଲେଖ୍ୟ ପ୍ରସ୍ତୁତି କଲାବେଳେ ମହାନ ଭକ୍ତ ତଥା ଅନ୍ୟତମ ପଞ୍ଚସଖା ସାଧକ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ 'ଭାଗବତ'ରେ ପରମପ୍ରେମମୟ କୃଷ୍ଣ ଓ ଅଗ୍ରଜ ବଳରାମଙ୍କ ସ୍ନାନ ନୀତି ଓ ଭୋଜନ ସମ୍ପର୍କରେ ଉଲ୍ଲେଖ ଅଛି - 'ପୁତ୍ରଙ୍କ ମାଜଣା କରାଇ, ଦଧି ଲବଣି ଅନ୍ନ ଦେଇ।' ଆମେ ଶ୍ରୀମନ୍ଦିରର ମଣ୍ଡପ ପ୍ରସଙ୍ଗରେ ପୂର୍ବରୁ ଉଲ୍ଲେଖ କରିଛେ। ଶ୍ରୀମନ୍ଦିରର ବିଭିନ୍ନ ମଣ୍ଡପ ଭିତରୁ ଅନ୍ୟତମ ମଣ୍ଡପଟି ହେଉଛି 'ମାଜଣା' ମଣ୍ଡପ।

ଶ୍ରୀମନ୍ଦିରର ଭିତର ବେଢ଼ାରେ ବେହରଣ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଏହି ମଣ୍ଡପ ଅବସ୍ଥିତ। ଏହା ପୀଢ଼ ଶୈଳୀରେ ନିର୍ମିତ ଏବଂ ଏହାର ଅନ୍ୟ ନାମ 'ବିବାହ ମଣ୍ଡପ'। କାରଣ ରୁକ୍ମିଣ ହରଣ ନୀତି ପରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ବିବାହ ଏହି ମଣ୍ଡପରେ ଅନୁଷ୍ଠିତ ହୋଇଥାଏ। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଏହି ମଣ୍ଡପରେ ବାମନ ଜନ୍ମନୀତି ମଧ୍ୟ ଅନୁଷ୍ଠିତ ହୁଏ। ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ଦିନ ମଧ୍ୟ ଏହିଠାରେ ମା' ଦୁର୍ଗାଙ୍କର ସହସ୍ର କୁମ୍ଭାଭିଷେକ ନୀତି ସଂପନ୍ନ ହୋଇଥାଏ। ଏହା ସତ୍ତ୍ୱେ ଏହି ମଣ୍ଡପରେ ପ୍ରତି ଗୁରୁବାର ଦିନ ଦେବୀ ଲକ୍ଷ୍ମୀ (ଶ୍ରୀଦେବୀ)ଙ୍କର ମାଜଣା ନୀତି ସଂପନ୍ନ ହେଉଥିବାରୁ ଏହା 'ମାଜଣା ମଣ୍ଡପ' ନାମରେ ଅଧିକ ପ୍ରସିଦ୍ଧ। ପ୍ରତି ସପ୍ତାହର ଗୁରୁବାର ଦିନ ସକାଳ ଧୂପ ପରେ, ଏହି ନୀତି ହୋଇଥାଏ। ସେ ଦିନ ମାଜଣା ମଣ୍ଡପକୁ ଧୋଇ ପରିଷ୍କାର କରାଯିବା ପରେ ଆଜ୍ଞାମାଳ ପାଇ ରତ୍ନସିଂହାସନରେ ଆସୀନ ଶ୍ରୀଦେବୀ ଓ ଭୂଦେବୀ ଏବଂ ଦକ୍ଷିଣିଘରେ ଅବସ୍ଥିତ ଶ୍ରମଦନମୋହନ ମାଜଣା ମଣ୍ଡପକୁ ବିଜେ ହୁଅନ୍ତି। ସେଠାରେ ସେମାନଙ୍କର ମାଜଣା ହୋଇ ସେମାନେ କଟରେ ବିଜେ ହୁଅନ୍ତି। ସେମାନଙ୍କର ପୂଜା ଏବଂ କର୍ପୂର ଓ ବଳିତା ଆଳତି ମଧ୍ୟ ଅନୁଷ୍ଠିତ ହୁଏ। ପରେ, ଶ୍ରୀମଦନମୋହନ ଦକ୍ଷିଣି ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନକୁ ବିଜେ ହୋଇ ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ହୁଅନ୍ତି। ଉଲ୍ଲେଖନୀୟ ଯେ ଏ ଦୁହେଁ ଶ୍ରୀଜଗନ୍ନାଥଙ୍କର ଦୁଇ ପତ୍ନୀ ବା ଦୁଇଶକ୍ତି।

ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ଅଛି ଲକ୍ଷ୍ମୀଦେବୀ ହେଉଛନ୍ତି 'ଶ୍ରୀ' ସେହିପରି ଧରାପୃଷ୍ଠର ଦେବୀ ବା ଧରା ଦେବୀ ହେଉଛନ୍ତି 'ଭୂ'। ଆବହମାନ କାଳରୁ ବିଶ୍ୱାସ ରହି ଆସିଛି ଯେ ପ୍ରତି ଗୁରୁବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ସୃଷ୍ଟି କର୍ତ୍ତା ବ୍ରହ୍ମା ସେମାନଙ୍କୁ ସ୍ନାନ କାର୍ଯ୍ୟ ସମ୍ପନ୍ନ କରାଇଥାନ୍ତି। ଏ ପ୍ରସଙ୍ଗରେ 'ନୀଳାଦ୍ରୀ ମହୋଦୟ'ରେ ମଧ୍ୟ ଉଲ୍ଲେଖ ଅଛି। ସେହିପରି 'ବାମଦେବ ସଂହିତା'ରେ ମଧ୍ୟ ଉଲ୍ଲେଖ ଅଛି ଯେ ଗୁରୁବାର ଦିନ ଶ୍ରୀଜୀଉଙ୍କ ଧୂପ ଓ ପୂଜା ନୀତି ପରେ ମହାଲକ୍ଷ୍ମୀଙ୍କ ପ୍ରତିନିଧି ଭାବେ ଶ୍ରୀଦେବୀଙ୍କୁ ଆଣି ସ୍ନାନ ଓ ସ୍ୱତନ୍ତ୍ର ନୀତି ଉତ୍ସବ ଅନୁଷ୍ଠିତ କରିବେ। ଶ୍ରୀମନ୍ଦିରରେ ଗୁରୁବାରରେ ମାଜଣା ନୀତି ପ୍ରସଙ୍ଗରେ ଆମେ ତଥ୍ୟ ସଂଗ୍ରହ କଲାବେଳେ ପୁରୀର ବଡ଼ଦାଣ୍ଡର ବଳଗଣ୍ଡିରେ ରହିଛି ଏକ କୌତୁହଳପୂର୍ଣ୍ଣ ସ୍ଥାନ ଯାହାର ନାମ ହେଉଛି 'ମାଜଣା ଜାଗା'। ପୁରୁଖା ପୁରୀ ବାସିନ୍ଦାଙ୍କ କହିବା ଅନୁଯାୟୀ ପୂର୍ବେ ହେରା ପଞ୍ଚମୀ ଦିନ ଶ୍ରୀଦେବୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାବେଳେ ତାଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇଥାଏ। ଏପରିକି ରଥ ବଳଗଣ୍ଡି ଠାରେ କିଛି କ୍ଷଣ ପାଇଁ ଅଟକି ରହିଥିବାରୁ ସେଠାରେ ଥିବା ଶ୍ରୀଜୀଉଙ୍କ ରୋଷଘରେ ରଥରେ ଆରୁଢ଼ ଶ୍ରୀଜୀଉଙ୍କ ପାଇଁ ଭୋଗ ପ୍ରସ୍ତୁତ ହୋଇଥାଏ। ତେଣୁ ଗୁରୁବାରର ମାଜଣା ନୀତି ବାସ୍ତବିକ ଶ୍ରୀଜୀଉଙ୍କ ବିଭିନ୍ନ ନୀତିକାନ୍ତି ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଏକ ସ୍ୱତନ୍ତ୍ର ନୀତି କହିଲେ ଅତ୍ୟୁକ୍ତି ହେବନାହିଁ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭*

# ମହାରାଷ୍ଟ୍ରରେ ପରିବାର ପୁର୍ନମିଳନ

ମହାରାଷ୍ଟ୍ରରେ ବିଏମସି, ପୁନେ ଏବଂ ପିସିଏମସି ସମେତ ୨୯ଟି ମହାନଗର ନିଗମ ପାଇଁ ଗୁରୁବାର ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ଶୁକ୍ରବାର ଗଣତି ହୋଇଛି। ମୁମ୍ବାଇରେ ଦୁଇ ପରିବାରର ରାଜୁତି ଶେଷ ହୋଇଛି। ଭାରତୀୟ ରାଜନୀତିରେ ଆଦର୍ଶ ତୁଳନାରେ ରକ୍ତର ସମ୍ପର୍କ ଅଧିକ ଗାଢ। ଏଭଳି ଉଦାହରଣ ବାରମ୍ବାର ଘଟି ଆସିଛି। ନିକଟରେ ମହାରାଷ୍ଟ୍ର ରାଜନୀତିର ଦୁଇ ପ୍ରଭାବଶାଳୀ ବିଭାଜିତ ପରିବାର ଦଳୀୟ ଆଦର୍ଶକୁ ପଛରେ ପକାଇ ଦେଇ ପୁନର୍ବାର ଏକଜୁଟ ହେବା ଘଟଣା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। କହିବା ବାହୁଲ୍ୟ ଯେ, ଦେଶରେ ମର୍ଯ୍ୟାଦାଜନକ ମହାନଗର ନିଗମ ଭାବେ ପରିଚିତ ବୃହତ ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ଏକାଠି ବା ମେଂଟ କରି ନିର୍ବାଚନ ଲଢିବା ପାଇଁ ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟ୍) ଏବଂ ରାଜ ଠାକ୍‌ରେଙ୍କ ଏମଏନସ୍ ହାତ ମିଳାଉଛନ୍ତି। ସେହିପରି ଅନ୍ୟତମ ମର୍ଯ୍ୟାଦାଜନକ ମହାନଗର ନିଗମ ପୁନେ ଏବଂ ପଡୋଶୀ ପିମ୍ପ୍ରିଚିଂଚୱାଡ ମହାନଗର (ପିସିଏମସି) ନିର୍ବାଚନ ପାଇଁ ଶରଦ୍ ପାୱାର ଏବଂ ତାଙ୍କର ପୁତୁରା ଅଜିତ୍ ପାୱାର ହାତ ମିଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଏମସି ଠାକ୍‌ରେ ପରିବାର କବଜାରେ ଦଶନ୍ଧି ଦଶନ୍ଧି ଧରି ରହି ଆସିଥିବାବେଳେ ପୁନେ ଏବଂ ପିସିଏମସି ମହାନଗର ନିଗମ ପାୱାର ପରିବାରରେ ରହିଆସିଛି। ଏହି ତିନୋଟି ମହାନଗର ନିଗମକୁ ନିଜ କବଜାରେ ରଖିବା ଲାଗି ଦୁଇ ପରିବାର ପୁଣି ଏକାଠି ହେବା ମହାରାଷ୍ଟ୍ର ରାଜନୀତିରେ ଏକ ନୂତନ ରାଜନୈତିକ ସମ୍ମିକରଣୀ ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଠାକ୍‌ରେ ପରିବାରର ଦାୟଦ ତଥା ଉତରାଧିକାରୀ ପ୍ରସଙ୍ଗକୁ କେନ୍ଦ୍ର କରି ବାଲ୍ ଠାକ୍‌ରେଙ୍କ ଜୀବ ଦଶାରେ ତାଙ୍କର ପୁତୁରା ଶିବସେନା ସହ ସମ୍ପର୍କ ଛିନ୍ନ କରି ଦୂରେଇ ଯିବା ସହ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ନାମରେ ନୂତନ ରାଜନୈତିକ ଦଳ ଗଠନ କରିଥିଲେ। ମରାଠି ଅସ୍ମିତାକୁ ନେଇ ଏମଏନଏସ ସକ୍ରୀୟ ଥିବା ସତ୍ତ୍ୱେ ମହାରାଷ୍ଟ୍ରେ ରାଜନୀତିରେ ଏହା ପ୍ରଭାବ ପକାଇବାରେ ବିଫଳ ହୋଇଛି। ସେହିପରି ବାଲ ଠାକ୍‌ରେଙ୍କ ପରଲୋକ ପରେ ଉଦ୍ଧବ ଠାକ୍‌ରେ ନେତୃତ୍ୱରେ ପରିଚାଳିତ ଶିବ ସେନା ଦୁଇ ଭାଗ ହେବା ସହ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ପ୍ରକୃତ ଶିବସେନା ଭାବେ ନିର୍ବାଚନ କମିଶନର ମାନ୍ୟତା ହାସଲ କରିଛି। ଏପରି କି ଦଳର ନିର୍ବାଚନ ସଂକେତ 'ଧନୁ ଓ ତୀର' ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ହାତକୁ ଚାଲିଯାଇଛି। ମହାରାଷ୍ଟ୍ର ରାଜନୀତିରେ ଠାକ୍‌ରେ ପରିବାରର ପ୍ରଭାବ ଏକ ପ୍ରକାର ସତା ହରାଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ମହାରାଷ୍ଟ୍ର ରାଜନୀତିରେ ପିତାମହ ଭୀଷ୍ମ ଭାବେ ପରିଚିତ ଶରଦ୍ ପାୱାରଙ୍କ ଦବ୍‌ଦବା, ପ୍ରଭାବକୁ ଅଣଦେଖା କରାଯାଇନପାରେ। କିନ୍ତୁ କ୍ଷମତା ପାଇଁ ତାଙ୍କର ପୁତୁରା ତଥା ଉତରାଧିକାରୀ ଭାବେ ଜଣାଶୁଣା ଅଜିତ୍ ପାୱାର ବିଜେପି ସହ ହାତ ମିଶାଇବା ସହ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବା ସହ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ରେ ବିଭାଜନ କରି ନିଜକୁ ପ୍ରକୃତ ଏନସିପିର ନେତା ଭାବେ ମାନ୍ୟତା ହାସଲ କରିବାରେ ସମର୍ଥ ହୋଇଥିଲେ। ଏପରିକି ଦଳର ନିର୍ବାଚନ ସଂକେତ 'ଘଂଟା' ସଂକେତକୁ ମଧ୍ୟ ନିଜ ଗୋଷ୍ଠୀ ହାତକୁ ନେଇଛନ୍ତି। ଏବେ ସେ ବିଜେପି ନେତୃତ୍ୱାଧୀନ ଦେବେନ୍ଦ୍ର ଫଡ୍‌ନବୀଶଙ୍କ ମନ୍ତ୍ରୀମଣ୍ଡଳରେ ଉପ-ମୁଖ୍ୟମନ୍ତ୍ରୀ ଥାଇ ଏନସିପିର ଅଭେଦ୍ୟ ଦୁର୍ଗଭାବେ ପରିଚିତ ପୁନେ ଏବଂ ପିସିଏମସି ମହାନଗର ନିର୍ବାଚନରେ ବିଜେପିକୁ ହରାଇବା ଲାଗି ଶରଦ୍ ପାୱାରଙ୍କ ସହ ହାତ ମିଶାଇଛନ୍ତି। ଏହା ନିସନ୍ଦେହ ଯେ, ଏଭଳି ମେଂଟ କେବଳ ନିଜ ସ୍ଥିତି ରକ୍ଷା ପାଇଁ ବାଧ୍ୟବାଧ୍ୟକତା ଉପରେ ପର୍ଯ୍ୟବେସିତ ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ ନିଜ ପରିବାରର ଦୁର୍ଗ ତଥା ବିଏମସି ଦଖଲ ପାଇଁ ଠାକ୍‌ରେ ପରିବାର ଏକଜୁଟ ହୋଇଥିବାବେଳେ ପୁନେ ଏବଂ ପିସିଏମସି ଦଖଲ ପାଇଁ ପାୱାର ପରିବାର ଯୋଡି ହୋଇଛନ୍ତି। ସେହିପରି ଏକତା ମେଂଟର କନିଷ୍ଠ ଅଂଶୀଦାର ଦଳ ଥିବା ବିଜେପି ଏବେ ସମଗ୍ର ରାଜ୍ୟରେ ନିଜର ସ୍ଥିତି ଜାହିର କରିଥିବାବେଳେ ଶିବସେନା (ୟୁବିଟ୍) ଏବେ ସମ୍ପୂର୍ଣ୍ଣ ସ୍ଥିତି ହରାଇବା ଅବସ୍ଥାରେ। ଆହୁରି ମଧ୍ୟ ଦୁଇ ଭାଇଙ୍କ ମଧ୍ୟରୁ ରାଜଠାକରେଙ୍କ ସ୍ୱର ଶାଣିତ ଥିବାବେଳେ ଉଦ୍ଧବ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ କାଳରେ ଉଦାରବାଦୀ ଆଭିମୁଖ୍ୟ ପ୍ରଦର୍ଶିତ କରିଥିଲେ। ଏବେ ଦୁଇ ଠାକ୍‌ରେ ଏକତା ମହା ବିକାଶ ଅଘାଡି(ଏମଭିଏ)ର ଅଂଶୀଦାର କଂଗ୍ରେସ ସକେତ ମେଂଟକୁ ଉତ୍ସାହିତ କରିବାର କିଛି କାରଣ ନାହିଁ।

# ଦିବାସ୍ୱପ୍ନ ଭିତରେ ମାନସିକ ଦକ୍ଷତା

### ପ୍ରଫେସର ଡାକ୍ତର ସମ୍ରାଟ କର

ସୁକୁଟା ଓରଫ ବିଭୁତି, ପବନକୁ ଫୁ କରିଦେଲା ପରି କଟକ ସହରର ଜଣେ ଅଦ୍ଭୁତ ଯୁବକ। ତାଙ୍କ କାରନାମା ସମ୍ପର୍କରେ ଗଣମାଧ୍ୟମରେ ବେଶ ରୋଚକ ଖବର ପ୍ରକାଶ ପାଇଥିଲା। ସେ କୌଣସି ଏକ ଘଟଣାକୁ ନେଇ ସମ୍ଭାବ୍ୟ ଦୁର୍ଘଟଣା ହିଁ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। କେହି କେହି କୁହନ୍ତି ଦିବା ସ୍ୱପ୍ନ ଭଲ ନୁହେଁ। ସ୍ୱପ୍ନ ତ ସମସ୍ତଙ୍କର ଥାଏ, ସ୍ୱପ୍ନ ବିନା ମନୁଷ୍ୟର ଜୀବନ ଯେ ଅଧୁରା ଏହା ନିଶ୍ଚୟ। ହୁଏତ କେହି କେହି ସାଧନାଲିପ୍ତ ମଣିଷ ଏହାକୁ ଅସ୍ୱୀକାର କରିପାରନ୍ତି। ତରୁଣ, କଞ୍ଚା ବୟସରେ ସ୍ୱପ୍ନ ଓ ଦିବା ସ୍ୱପ୍ନ ତ ପୁରାପୁରି ଖୁନ୍ଦି ହୋଇରହିଥାଏ। କିନ୍ତୁ ଅନେକ ହୁଏତ ଜାଣନ୍ତି ନାହିଁ ଏହି ଦିବାସ୍ୱପ୍ନ ଢ଼େର ସକରାତ୍ମକ ସାବ୍ୟସ୍ତ ହୋଇଥାଏ ଆଉ ଜଣଙ୍କର ମାନସିକ ଦକ୍ଷତାକୁ ଆହୁରି ଉତ୍ସାହ ଯୋଗାଏ, ପ୍ରେରଣା ଯୋଗାଏ। କର୍ମବ୍ୟସ୍ତ ରହି ଅନ୍ତତଃ ନିଶା ସେବନରୁ ଦୂରେଇ ଜୀବନର ବ୍ରତକୁ ସାଧନ ନିମିତ୍ତ ଦିବାସ୍ୱପ୍ନ ଯୁବ ବର୍ଗଙ୍କ ଯୁବ ଦକ୍ଷତା ଓ ଯୁବ ସଂକଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ।




ସାକାର ହେବ ନାହିଁ ବୋଲି ଜାଣିଲେ ବି ଅନେକ ସମୟରେ ମନୁଷ୍ୟକୁ ସୁଖ ପ୍ରଦାନକାରୀ ନାନାଦି ପରିକଳ୍ପନା କରିବାକୁ ଖୁବ ଭଲ ଲାଗେ। ଏପରି ଦିବା ସ୍ୱପ୍ନକୁ କୃତ୍ରିମ ଆନନ୍ଦ ବା କିଛି ଦୁଃଖ ଅବଦମିତ କରିବାର ଅଳୀକ ଉପାୟ ବୋଲି ବିବେଚନା କରାଯାଏ। କିନ୍ତୁ ଗବେଷଣାରୁ ଜଣାପଡ଼ିଛି ଯେଯ ଜାଣନ୍ତରେ ଦିବାସ୍ୱପ୍ନ ଦେଖିବା ହେଉଛି କଳ୍ପନା, ସମସ୍ୟା ସମାଧାନ ଓ ଧ୍ୟାନ ସ୍ଥିର ରଖିବା ଲାଗି ଉଦ୍ଦିଷ୍ଟ ମସ୍ତିଷ୍କ, କ୍ରିୟା ନିମନ୍ତେ ହିତକର। ସାଧାରଣତଃ ସ୍ୱଚ୍ଛ ବାଟ ଚାଲିବା, ଗାଧୋଇବା ଅଥଚ ଚା' ବା କଫି ପିଇବା ଭଳି ହାଲୁକା କାର୍ଯ୍ୟ ସମୟରେ ଏଭଳି ଅବାସ୍ତବ ପରିକଳ୍ପନା ମସ୍ତିଷ୍କକୁ ବିମୁକ୍ତ ଭାବେ ବିଚରଣ କରାଏ। ବୈଜ୍ଞାନିକମାନଙ୍କମତରେ ଏହା ହେଉଛି ମସ୍ତିଷ୍କ କ୍ରିୟାର ଅନ୍ୟ ଏକ ପଦ୍ଧତି। ଏ କ୍ରିୟା ଦ୍ୱାରା ମସ୍ତିଷ୍କ ସୂଚନା ସୁସଙ୍ଗଠିତ କରେ, ନିଭୃତ କଳ୍ପନା ସହ ସଂଯୋଗ କରେ ଏବଂ ନିରନ୍ତର କାର୍ଯ୍ୟ ପରିଚାଳନାରୁ ମସ୍ତିଷ୍କକୁ କ୍ଷାନ୍ତ କରେ।

ସୁଖଦ ପରିକଳ୍ପନା ପ୍ରକ୍ରିୟାରେ ମସ୍ତିଷ୍କର ଦୁଇଟି ମୁଖ୍ୟ ନେଟୱାର୍କ ସମ୍ପୃକ୍ତ ବୋଲି ଗବେଷକମାନେ କହନ୍ତି। ଗୋଟିଏ ହେଉଛି ବିଶ୍ରାମ, ସୁଚିନ୍ତା ଓ ଅବ୍ୟକ୍ତ ଭାବନା କାଳରେ ସକ୍ରିୟ ହେଉଥିବା ଡିଫଲଟମୋଡ଼ ନେଟୱାର୍କ ଯାହାକୁ ସଂକ୍ଷେପରେ ଡିଏମଏନ୍ କୁହାଯାଏ। ଆରଟି ହେଉଛି ଲକ୍ଷ୍ୟ ନିର୍ଦ୍ଧାରିତ ଭାବନା ଓ ସମସ୍ୟା ସମାଧାନକାଳୀନ କଳ୍ପନା। ଏହାକୁ ଏକଜିକ୍ୟୁଟିଭ କଣ୍ଟ୍ରୋଲ ନେଟୱାର୍କ କୁହାଯାଏ।

ଇଚ୍ଛାକୃତ ଦିବାସ୍ୱପ୍ନ ପାଇଁ ଡିଏମ୍‌ଏନ୍ ଓ ଏକଜିକ୍ୟୁଟିଭ କଣ୍ଟ୍ରୋଲ ନେଟୱାର୍କ ମଧ୍ୟରେ ସହଯୋଗିତା ରକ୍ଷା କରାଯିବାର ଆବଶ୍ୟକତା ରହିଛି। ଫଳରେ ମସ୍ତିଷ୍କ ଆବେଗ ପୃଥକୀକରଣ କରିପାରେ, ସ୍ମରଣଶକ୍ତି ସୁଦୃଢ଼ ହୁଏ ଏବଂ ସକ୍ରିୟ ଉଦ୍ୟମ କରୁ ନ ଥିଲେ ବି ଜଟିଳ ସମସ୍ୟାର ନୂଆ ସମାଧାନ ମିଳିଯାଏ। ସମସ୍ୟା ସମାଧାନ ନିମନ୍ତେ ନୂଆ ଉପାୟ ଖୋଜିବାରେ ଦିବାସ୍ୱପ୍ନ ସହାୟକ ହୁଏ। ଏ ସଂକ୍ରାନ୍ତ ଗବେଷଣା ପ୍ରସୂତ ଆଲେଖ୍ୟ ୨୦୧୨ରେ ସାଇକୋଲୋଜିକାଲ ସାଇନସରେ ପ୍ରକାଶିତ ହୋଇଥିଲା। ସେଥିରେ ଉଲ୍ଲେଖ ଥିଲା ଯେ ନିବିଷ୍ଟ ଚିତ୍ତରେ ଚିନ୍ତା କରି ଲୋକେ ଯେଉଁ ସମସ୍ୟା ସମାଧାନ କରିପାରନ୍ତି ନାହିଁ, ଦିବା ସ୍ୱପ୍ନ ଦେଖୁଥିବା ଲୋକେ ତାହା ଅଚିରେ ସମାଧାନ କରିଦିଅନ୍ତି।

ଇଚ୍ଛାକୃତ ଦିବାସ୍ୱପ୍ନର ଅର୍ଥ ନୁହେଁ ଯେ ନିଜ କାର୍ଯ୍ୟର ଗତିପଥରୁ ଓହରିଯିବା ଅଥବା ଦାୟିତ୍ୱ ଏଡ଼ାଇଯିବା। ବରଂ ଏହା ହେଉଛି ସର୍ଜନଶୀଳତା ଓ ନିର୍ବିଚାର ଭାବେ ଅବ୍ୟକ୍ତ ଭାବନା ଆମନ୍ତ୍ରଣ କରିବା ପାଇଁ ମସ୍ତିଷ୍କକୁ ସାମାନ୍ୟ ଅବସର ଦେବା। ବାସନ ମାଜିବା ବେଳେ, ଚିଠିବାକ୍ସ ପାଖକୁ ଯିବା ବେଳେ କଫି ତିଆରି କରିବା ବେଳେ କ୍ଷଣେ ରହିଯାଇ ଭାବନାକୁ ସୀମାହୀନ ଶୂନ୍ୟତାରେ ଭସାଇ ଦେବା ଆଦି ହେଉଛି କ୍ଷଣିକ ସୁଖଦଭାବନାର ଅବସର। ଆନନ୍ଦ ନୁହେଁ ବରଂ ଉତ୍ସୁକତାର ସହିତ ଭବିଷ୍ୟତ ଲକ୍ଷ୍ୟ ଓ ସକରାତ୍ମକ ଫଳାଫଳ କଳ୍ପନା କରିବା ଦ୍ୱାରା ଡିଏମ୍‌ଏନ୍ ଅଧିକ କାର୍ଯ୍ୟକ୍ଷମ ହୁଏ। ଲୁଗାପଟା ଭଙ୍ଗା ଭଙ୍ଗି କରି ରଖିବା ଓ ବାଡ଼ିବଗିଚା କାମ କରିବା ଭଳି ପୁନଃ ପୌନିକ କାର୍ଯ୍ୟ ସମୟରେ ମନର ଭାବନାକୁ ନିୟନ୍ତ୍ରଣ ନ କରି ଅବାଧରେ ବିଚରଣ କରିବାକୁ ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଚିନ୍ତା ହ୍ରାସ ପାଇବା ସହିତ ଆବେଗିକ ଅନ୍ତର୍ଦୃଷ୍ଟି ଜାଗରୁକ ହେବ। ଜୀବନର ନିଶ୍ଚିନ୍ତ ପ୍ରାପ୍ତି, ଯଶ, ଗୌରବ ସବୁକିଛି ଆପଣଙ୍କୁ ପ୍ରାପ୍ତ ହୋଇପାରିବ ଏହା ଆଦୌ ଭୁଲନ୍ତୁ ନାହିଁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା

### ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ଦେଖିବାକୁ ମିଳି ନଥିଲା, ଥିଲା କର୍ମ,ଭକ୍ତି ଓ ଜ୍ଞାନର ତ୍ରିବେଣୀ ସଙ୍ଗମରେ ମଧ୍ୟ ବୁଡ ପକେଇବାର ଅପୂର୍ବ ଅନୁଭବ ।ଦିବ୍ୟ ପାଦୁକା ଆଗେଇବା ସହ ସାଧକ ସାଧିକା ଆଧ୍ୟାତ୍ମିକ, ଶିକ୍ଷା ଓ ସେବା ବିଭାଗ ର ବିବିଧ ସେବା ସାଧନାରେ ବ୍ରତୀ ହେଉଥିଲେ ।କେଉଁଠି ଲୋକ କଲ୍ୟାଣ ପାଇଁ ମହାରୁଦ୍ରମ୍ ,ଅଖଣ୍ଡ ଭଜନ,ଲକ୍ଷାର୍ଚ୍ଚନ ତ ପୁଣି କେଉଁଠି ନାରାୟଣ ସେବା,ନିର୍ମଳ ଝର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ,ରକ୍ତ ଦାନ,ସ୍ୱାସ୍ଥ୍ୟ ଶିବିରର ଆୟୋଜନ ପୁଣି କେଉଁଠି ନୂତନ ବାଳବିକାଶ କେନ୍ଦ୍ର ଉଦ୍ଘାଟନ, ସଂପାନ,ସଙ୍ଗୋଷ୍ଠୀର ଆୟୋଜନ । ଏଭଳି କର୍ମ ଭକ୍ତି ଓ ଜ୍ଞାନର ତ୍ରିବେଣୀ ସବୁଠି ପରିଲକ୍ଷିତ ହେଉଥିଲା । ତା ସହ ସବୁଠି ପ୍ରଭୁଙ୍କ ଦିବ୍ୟ ଉପସ୍ଥିତିରେ ଅପୂର୍ବ ଅନୁଭବ ହୃଦୟକୁ ସ୍ପନ୍ଦିତ କରିଥିଲା ।ଆଉ ଭକ୍ତପ୍ରାଣ ଦର୍ଶନ ଦେବା ସହ ଦିବ୍ୟ ଦୃଷ୍ଟିରେ ଭକ୍ତଙ୍କ ସମସ୍ତ ଦୁଃଖ କଷ୍ଟ ନିବାରଣ ପାଇଁ ମଧ୍ୟ ତତ୍ପର ଥିଲେ ।ଭଗବାନଙ୍କ ଦର୍ଶନ ପାଇଁ ଭକ୍ତ ଯେତେ ବ୍ୟାକୁଳ ଥିଲେ ଭଗବାନ ମଧ୍ୟ ଭକ୍ତ ପାଇଁ ସେତେ ବ୍ୟାକୁଳ ଥିଲେ । ଆଜି ଧନ୍ୟ କରିଛନ୍ତି ପ୍ରଭୁ ଆମର ଏହି ମାନବ ଜନ୍ମ । ଦୀର୍ଘ ସାଢ଼େ ତିନି ବର୍ଷର ଯାତ୍ରା ପରେ ଆସନ୍ତା ୧୮ ଜାନୁଆରୀ ୨୦୨୬ରେ ଐତିହାସିକ ବାଲି ଯାତ୍ରା ପଡିଆରେ ପ୍ରାୟ୪୦,୦୦୦ରୁ ଉର୍ଦ୍ଧ୍ୱଭକ୍ତଙ୍କ ସମାଗମ ମଧ୍ୟରେ ଏହି ଦିବ୍ୟ ପାଦୁକା ଯାତ୍ରା ସମାପନ ମହୋତ୍ସବ ପାଳିତ ହେବାକୁ ଯାଉଛି ।ଏହା ପରେ ଦିବ୍ୟ ପାଦୁକା ଭୁବନେଶ୍ୱର ସ୍ଥିତ ସାଇ ଜନନୀରେ ପ୍ରତିଷ୍ଠିତ ହେବେ ।

ଥରେ ସାକ୍ଷାତକାର କକ୍ଷରେ ପ୍ରକୃତ ପାଦପୂଜାକୁ ବୁଝାଇବାକୁ ଯାଇ ଭଗବାନ କହିଥିଲେ "ପଦାଙ୍କ ଅନୁସରି ଯିବା ହିଁ ପ୍ରକୃତ ପାଦପୂଜା "ପ୍ରତିଦିନମ୍ ତତ୍ ପାଦୁକା ସେବ୍ୟତାମ୍ " । ସେହି ପଦ୍ମପାଦ ପ୍ରଭୁଙ୍କ ଦିବ୍ୟ ଜୀବନାଦର୍ଶର ପ୍ରତୀକ ।ତାଙ୍କ ସନ୍ଦେଶକୁ ଜୀବନରେ ପ୍ରତିଫଳିତ କରି ପାରିଲେ ହିଁ ପ୍ରକୃତ ପାଦସେବା ହେବ,ଦିବ୍ୟ ପାଦୁକା ଯାତ୍ରା ସାର୍ଥକ ଲଭିବ ।ତାଙ୍କ କୃପାରୁ ପ୍ରାପ୍ତ ଅମୂଲ୍ୟ ଜୀବନାନୁଭୂତି, ଦିବ୍ୟପଦାଙ୍କ ଅନୁସରିବାର ଶକ୍ତି ପ୍ରଦାନ କରି,ଆମର ଲକ୍ଷ୍ୟ ସେହି ଦିବ୍ୟ ପଦ୍ମପାଦ ପ୍ରାପ୍ତି ପଥେ ଅଗ୍ରସର କରାଉ ।ହେ ପ୍ରଭୁ, ଏ ମନ ଯେଉଁ ଆଡେ ବି ଯାଉ,ତୁମ ଦିବ୍ୟ ରୂପର ସନ୍ଦର୍ଶନ କରୁ,ଯେଉଁଠି ବି ନତ ମସ୍ତକ ହୋଇ ପ୍ରଣିପାତ କରୁ,ତୁମ ଦିବ୍ୟ ପଦ୍ମପାଦ ଦେଖୁ । ସେହି କୋମଳ ପବିତ୍ର ପାଦପଦ୍ମ ହୃଦୟ ସିଂହାସନରେ ସ୍ଥାପିତ ହୋଇ ପଦାଙ୍କ ଅନୁସରି ଯିବାକୁ ପ୍ରେରିତ କରିଚାଲୁ।

ଖରିଆର ରୋଡ,ନୂଆପଡ଼ା, E-mail : bijaylaxmisatpathy@yahoo.com

# ଲୀଳା ଅନୁଭୂତିରେ ସତ୍ୟସାଇ ଓ ପ୍ରଥମ ପ୍ରଶାନ୍ତି ଗମନ

### ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।



୧୯୮୦, ନଭେମ୍ବର ମାସରେ ମୋର ଆଇନରେ ସ୍ନାତୋକତ୍ତର ଡିଗ୍ରୀର ଶେଷ ବର୍ଷ ପରୀକ୍ଷା ପରେ ମୁଁ ବାବାଙ୍କ ବିଷୟରେ ଅନୁସନ୍ଧାନ କରିବା ପାଇଁ ପୁଟ୍ଟପର୍ତ୍ତି ସ୍ଥିତ ପ୍ରଶାନ୍ତି ନିଳୟମ ଯାତ୍ରା କରିଥିଲି। ଉଦ୍ଦେଶ୍ୟ ଥିଲା ଯେ ସେ ଅବତାରୀ ନୁହଁନ୍ତି ବା ଦିବ୍ୟ ପୁରୁଷ ନୁହଁନ୍ତି ଜଣେ ଯାଦୁକାରୀ ଓ ମୋହିନୀ ମନ୍ତ୍ରରେ ଲୋକଙ୍କୁ ଆକୃଷ୍ଟ କରି ସମସ୍ତଙ୍କୁ କିପରି ଠକୁଛନ୍ତି ତାହାର ତଥ୍ୟ ସଂଗ୍ରହ କରିବା। ସେଠାରେ ପହଞ୍ଚିବା ପରେ ପ୍ରଶାନ୍ତି ନିଳୟମର ଆନନ୍ଦମୟ, ଶାନ୍ତ, ନିରବ, ଆଧ୍ୟାତ୍ମିକମୟ ପରିବେଶ, ନିୟମ, ଶୃଙ୍ଖଳା ଓ ସୁବନ୍ଦୋବସ୍ତକୁ ଦେଖିବା ପରେ ମୋ ମନରେ ଏକ ଭାବାନ୍ତର ସୃଷ୍ଟି ହେଲା। ଶାନ୍ତ, ସରଳ, କୋମଳ ପରିବେଶ ସବୁଆଡ଼େ ନିରବତା, ସମୟ ନିର୍ଘଣ୍ଟର ପ୍ରୋଗ୍ରାମ ଓ ସ୍ୱେଚ୍ଛାସେବୀଙ୍କ ବ୍ୟବହାର ମୋତେ ବହୁମାତ୍ରାରେ ପ୍ରଭାବିତ କରିଥିଲା। ଏଇଥିରେ ମୋ ମନ ଭିତରେ ଏକ ବିଶ୍ୱାସ ସ୍ଥାପନ ହେବା ସହିତ ଆଧ୍ୟାତ୍ମିକ ଦର୍ଶନକୁ ଜାଣିବା ଓ ବୁଝିବା ପାଇଁ ମନ ଭିତରେ ବ୍ୟାକୁଳତା ସୃଷ୍ଟି ହୋଇଥିଲା। ଯାହାଙ୍କୁ ପରୀକ୍ଷା କରିବାକୁ ଆସିଥିଲି, ଧୀରେ ଧୀରେ ମୁଁ ତାଙ୍କ ଦ୍ୱାରା ପରୀକ୍ଷିତ ହୋଇଗଲି। ବାବାଙ୍କ ଦର୍ଶନ, ସମ୍ଭାଷଣ ଓ ସ୍ପର୍ଶନ ମୋ ମନ ଭିତରେ ଥିବା ସନ୍ଦେହକୁ ଅପସରି ଦେଇ ବିଶ୍ୱାସ ଓ ଆସ୍ଥାର ବୀଜ ସ୍ଥାପନ କରି ବସିଥିଲା।

ମୋର ସ୍ୱତଃ ଅନୁଭବରୁ ମୁଁ ନିର୍ଯ୍ୟାସରେ ପହଞ୍ଚିଲି ଯେ ବାବା ସମସ୍ତଙ୍କୁ ଜୀବନ ଦର୍ଶନ ଶିକ୍ଷା ଦେଇ ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ଶୃଙ୍ଖଳିତ କରିବା ପାଇଁ ପ୍ରେରଣା ପ୍ରଦାନ କରୁଛନ୍ତି। ମୁଁ ଏପରି ପରିବେଶରେ ଏତେମାତ୍ରାରେ ଆକୃଷ୍ଟ ହୋଇଗଲି ଯେ ମୋ ରହଣୀ ସମୟ ପାଞ୍ଚଦିନ ସ୍ଥିର ହୋଇଥିଲେ ମଧ୍ୟ ଏହାକୁ ଆଉ ଦଶ ଦିନ ପାଇଁ ବଢ଼ାଇଥିଲି। ଅନେକ ବ୍ୟକ୍ତିବିଶେଷଙ୍କର ସଂସ୍ପର୍ଶରେ ଆସିବା, ତାଙ୍କ ଠାରୁ ଅନେକ ଅଲୌକିକ କଥା ଶୁଣିବା ଓ ତାଙ୍କ ଜୀବନର ଗତି କିପରି ପରିବର୍ତ୍ତନ ହୋଇ ଜୀବନର ଲକ୍ଷ୍ୟ ଆଡ଼କୁ ସେମାନେ ଅଗ୍ରସର ହୋଇଛନ୍ତି ଶୁଣିବାର ସୁଯୋଗ ମିଳିଲା। ଏହି ପରିସ୍ଥିତିରେ ମୁଁ ଜଣେ ଓଡ଼ିଶାର ଭାଇଙ୍କ ସହିତ ନିକଟତର ହେଲି। ଯେ କି ସେତେବେଳେ ମୋ ଠାରୁ ବୟସରେ ବହୁତ ବଡ଼ ଓ ସେ ସେତେବେଳେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ପେସ୍କାର ହିସାବରେ କାର୍ଯ୍ୟରତ ଥିଲେ। ସେହି ପବିତ୍ର ଭୂମିରେ ଥିବାବେଳେ ଏକଦା ମୋତେ ଆଇନ ବୃତ୍ତିରେ ଯୋଗ ଦେବା ପାଇଁ ପ୍ରବର୍ତ୍ତାଇଲେ। କିନ୍ତୁ ଏହି ବୃତ୍ତିରେ ଯୋଗ ଦେବା ପାଇଁ ମୋ ମନରେ ସାମାନ୍ୟତମ ଆଗ୍ରହ ନଥିଲା କାରଣ ମୋ ପରିବାର ବା ସମ୍ପର୍କୀୟ କେହି ବି ଆଇନ ବୃତ୍ତିରେ ନଥିଲେ ବା ମୋର କୌଣସି ଆଇନବୃତ୍ତିଧାରୀ ବ୍ୟକ୍ତିଙ୍କ ସହିତ ପରିଚୟ ନଥିଲା। ତେବେ ଏକ ପବିତ୍ର ସ୍ଥାନରେ ତାଙ୍କ ଠାରୁ ଏପରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିପାରି ନଥିଲି। ତେଣୁ ତାଙ୍କୁ ମୁଁ ଅନୁରୋଧ କରିଥିଲି ଯେ ସେ ଯଦି ମୋ ପାଇଁ ସୁଯୋଗ ସୃଷ୍ଟି କରିବେ ଓ ସାହାଯ୍ୟ କରିବେ, ମୁଁ ଏ ବୃତ୍ତିକୁ ଆପଣାଇବି ବୋଲି ତାଙ୍କୁ କଥା ଦେଇଥିଲି। ତାଙ୍କର ଉତ୍ତର ଥିଲା କଟକ ଫେରିବା ପରେ ସେ ମୋତେ ସାକ୍ଷାତ କଲେ, ସହଯୋଗ କରିବେ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, E-mail : sourachandramohapatra16@gmail.com

ଆଞ୍ଚଳିକ ମନ୍ଥନ

ଶନିବାର,୧୭,ଜାନୁଆରୀ,୨୦୨୬ Saturday,17 January 2026, Bhubaneswar





# ଇରାନରେ ଘନଉଛି ଯୁଦ୍ଧର ବାଦଲ



**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧର ବାଦଲ ଏବେ ଘନେଇବାରେ ଲାଗିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସ୍ୱତନ୍ତ୍ର ବିମାନ 'ୱିଙ୍ଗ ଅଫ୍ ଜିଅନ' ରହସ୍ୟମୟ ଭାବେ ଇସ୍ରାଏଲ୍ ଆକାଶମାର୍ଗ ଛାଡ଼ିବା ପରେ ସାରା ବିଶ୍ୱରେ ଚହଳ ପଡ଼ିଛି । କୁହାଯାଉଛି ଯେ, ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ବଡ଼ ଧରଣର ସାମରିକ ଆକ୍ରମଣ କରିପାରେ । ଆଶଙ୍କାକୁ ବଳ ଦେଉଛି ଆମେରିକାର ପ୍ରତିରକ୍ଷା ମୁଖ୍ୟାଳୟ 'ପେଣ୍ଟାଗନ'ରୁ ଆସୁଥିବା ରିପୋର୍ଟ । ସେଠାରେ ହଠାତ ପିଜା ବ୍ୟବହାର ବା ଅର୍ଡର ମାତ୍ରାଧିକ ଭାବେ ବଢ଼ିଯାଇଛି । ଇତିହାସ କୁହେ, ଯେତେବେଳେ ପେଣ୍ଟାଗନର ଅଧିକାରୀମାନେ ବିଳମ୍ବିତ ରାତି ଯାଏଁ ରଣନୀତି ପ୍ରସ୍ତୁତ କରନ୍ତି, ସେତେବେଳେ ସେଠାରେ ଖାଦ୍ୟ ଅର୍ଡର ବଢ଼ିଥାଏ । ଏହାସହ ଆମେରିକାର ବିଶାଳ ଯୁଦ୍ଧଜାହାଜଗୁଡ଼ିକ ଏବେ ଇରାନ ଅଭିମୁଖେ ମୁହାଁଇଛନ୍ତି । ରାଷ୍ଟ୍ରପତି ଟ୍ରମ୍ପଙ୍କ କଡ଼ା ଚେତାବନୀ ଏବଂ ଇରାନରେ ଚାଲିଥିବା ଆଭ୍ୟନ୍ତରୀଣ ବିଦ୍ରୋହ ମଧ୍ୟରେ କିଛି ସଙ୍କେତ ସ୍ପଷ୍ଟ କରୁଛି, ମଧ୍ୟ-ପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧର ମୂଳଦୁଆ ପଡ଼ିସାରିଛି । ଯଦି ଆକ୍ରମଣ ହୁଏ, ତେବେ ଏହା କେବଳ ଦୁଇ ଦେଶ ନୁହେଁ, ବରଂ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇବ । ବିରୋଧ ପ୍ରଦର୍ଶନ ଏବଂ ଉତ୍ତେଜନା ମଧ୍ୟରେ ଆମେରିକା ବଡ଼ ସାମରିକ ଜାହାଜକୁ ମଧ୍ୟପ୍ରାଚ୍ୟ ପଠାଇଛି । ଦକ୍ଷିଣ ଚୀନ୍ ସାଗରରୁ ବାହାରି ମଧ୍ୟପ୍ରାଚ୍ୟ ଆଡ଼କୁ ଅଗ୍ରସର ହେଉଛି ସାମରିକ ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକାର ପଦକ୍ଷେପ ଇରାନ ଉପରେ ଚାପ ପକାଇବା ପାଇଁ ରଣନୀତିମଧ୍ୟପ୍ରାଚ୍ୟରେ ହାଇ-ଆଲର୍ଟ ଜାରି ଏବଂ ଆଗାମୀ ଦିନରେ ସାମରିକ ସଂଘର୍ଷର ରୂପ ନେବାର ଆଶଙ୍କା । ପେଣ୍ଟାଗନରେ ବିଳମ୍ବିତ ରାତି ଯାଏଁ କାମ ଚାଲିବା ଏବଂ ପିଜା ଅର୍ଡର ୨୦୦% ବଢ଼ିବା ଯୁଦ୍ଧ ପ୍ରସ୍ତୁତିର ପୁରୁଣା ସଙ୍କେତ ।ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ ବିମାନ ସୁରକ୍ଷା ଦୃଷ୍ଟିରୁ ଦେଶ ବାହାରକୁ ଯିବା, ସମ୍ଭାବ୍ୟ ଆକ୍ରମଣର ଭୟକୁ ଦର୍ଶାଉଛି । ଇରାନର ବଢୁଥିବା ୟୁରାନିୟମ୍ ସମୃଦ୍ଧୀକରଣକୁ ରୋକିବା ପାଇଁ ଆମେରିକା ସାମରିକ ଶକ୍ତି ପ୍ରୟୋଗ କରିପାରେ । ପୂର୍ବରୁ ଇରାନ ଦ୍ୱାରା ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବ ଦେଇପାରେ ଆମେରିକା । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ଇରାନ ନିଜ ନାଗରିକଙ୍କୁ ହତ୍ୟା କରିବା ବନ୍ଦ ନକଲେ 'ବଡ଼ ପରିଣାମ' ଭୋଗିବ । ଆଞ୍ଚଳିକ ସ୍ଥିରତା ପାଇଁ ଇସ୍ରାଏଲକୁ ସୁରକ୍ଷା ଦେବା ଆମେରିକାର ପ୍ରାଥମିକତା ହିଜବୁଲ୍ଲା ଏବଂ ହମାସ ଭଳି ସଂଗଠନକୁ ଇରାନର ସହାୟତା ବନ୍ଦ କରିବା ।

## ଧାରା ୩୨ ଅନୁଯାୟୀ ସାମ୍ବିଧାନିକ ପ୍ରତିକାର ଅଧିକାରର ଅପବ୍ୟବହାର ହେଉଛି

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ବମ୍ବେ ହାଇକୋର୍ଟରେ ଏକ ଆବେଦନ ବିଚାରାଧୀନ ଥିବା ସତ୍ତ୍ୱେ ମୌଳିକ ଅଧିକାର ଉଲ୍ଲଂଘନ ଅଭିଯୋଗରେ ସର୍ବୋଚ୍ଚ ନ୍ୟାୟାଳୟରୁ ସାମ୍ବିଧାନିକ ପ୍ରତିକାର ମାଗିବାର ଅଧିକାର ପ୍ରଦାନ କରୁଥିବା ଧାରା ୩୨ ଅନୁଯାୟୀ ଆବେଦନ କରିଥିବା ଜଣେ ଆବେଦନକାରୀଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟ ସମାଲୋଚନା କରିଛନ୍ତି । ଜଷ୍ଟିସ୍ ବିଭି ନାଗରତ୍ନା ଓ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, ହାଇକୋର୍ଟରେ ମୁଲତବୀ ଉପରେ ମଧ୍ୟ ପିଟିସନ ଦାଖଲ କରି ଧାରା ୩୨ର ଅପବ୍ୟବହାର କରାଯାଉଛି । ଧାରା ୩୨ ଅନୁଯାୟୀ ଦାଖଲ ହୋଇଥିବା ମାମଲା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଶେଷକରି ଦିଲ୍ଲୀର ଆଖପାଖରେ ଥିବା ଲୋକମାନେ ଧାରା ୩୨ ଅନୁଯାୟୀ ଆବେଦନ ଦାଖଲ କରୁଛନ୍ତି । ଏହା କ'ଣ? ଏହା ଏକ ଅପବ୍ୟବହାର ବୋଲି ଖଣ୍ଡପୀଠ କହିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଧାରା ୩୨ ଅନୁଯାୟୀ ଦାଖଲ ହୋଇଥିବା ଆବେଦନ କୋର୍ଟ ଓ ଆଇନର ପ୍ରକ୍ରିୟାର ଘୋର ଅପବ୍ୟବହାର ।

# ତୈଳରେ ବିଦେଶୀ ନିବେଶକୁ ଭେନେଜୁଏଲାର ଅନୁମତି

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ନିକୋଲାସ ମାଦୁରୋଙ୍କ ଗିରଫଦାରି ପରେ ପ୍ରଥମ ଥର ପାଇଁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ ଦେଶକୁ ସମ୍ବୋଧିତ କରିଥିଲେ । ଏହି ସମ୍ବୋଧନରେ ରୋଡ୍ରିଗେଜ ବିଦେଶୀ ନିବେଶକଙ୍କ ପାଇଁ ତୈଳ କ୍ଷେତ୍ରକୁ ଖୋଲିବା ଘୋଷଣା କରିଥିଲେ । ଏହି ସମ୍ବୋଧନରେ ରୋଡ୍ରିଗେଜ ଅନେକ ମନ୍ତବ୍ୟ ଦେଇଥିଲେ ଯାହା ସ୍ପଷ୍ଟ ଭାବରେ ଭେନେଜୁଏଲାର ସରକାରଙ୍କ ଉପରେ ଆମେରିକାର ଚାପକୁ ସୂଚିତ କରୁଛି । ମାଦୁରୋଙ୍କ ଗିରଫଦାରୀ ପରେ ଭେନେଜୁଏଲାରେ ଏକ ନୂତନ ଯୁଗ ଆରମ୍ଭ ହେବାର ସଙ୍କେତ ମିଳିଛି । ଭେନେଜୁଏଲା ସମ୍ପର୍କରେ ନୂତନ ନୀତି ସ୍ପଷ୍ଟ ଭାବରେ ଆମେରିକାର ଚାପରେ ଅଛି । ଟ୍ରମ୍ପ ପ୍ରଶାସନ କହିଛି ଯେ ତୈଳ ବିକ୍ରୟରୁ ମିଳୁଥିବା ଅର୍ଥ ଭେନେଜୁଏଲା ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ । ଏବେ ରୋଡ୍ରିଗେଜ ମଧ୍ୟ କହିଛନ୍ତି ଯେ ତେଲ ବିକ୍ରୟରୁ ପ୍ରାପ୍ତ ଟଙ୍କାକୁ ଜାତୀୟ ବଜେଟରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଦେଶର ବିକାଶ ପାଇଁ ବ୍ୟବହାର କରାଯିବ । ଭେନେଜୁଏଲାର ସ୍ୱାସ୍ଥ୍ୟ ସେବା ଏବଂ ଭିତ୍ତିଭୂମିର ଉନ୍ନତି ବିଷୟରେ ଆଲୋଚନା ହୋଇଛି, ଯାହା ରିପୋର୍ଟ ଅନୁଯାୟୀ ହୁଗୋ ଚାଭେଜ ଏବଂ ନିକୋଲାସ ମାଦୁରୋଙ୍କ କାର୍ଯ୍ୟକାଳରେ ଖରାପ ଅବସ୍ଥାରେ ଥିଲା । ତାଙ୍କ ଭାଷଣରେ ନିକୋଲାସ ମାଦୁରୋଙ୍କ ଆମେରିକା ଗିରଫଦାରୀର କଡ଼ା ସମାଲୋଚନା କରି



ରୋଡ୍ରିଗେଜ କହିଥିଲେ ଯେ ଏହି ଘଟଣା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏକ କଳା ଦାଗ । ତଥାପି ସେ ଆଶ୍ଚର୍ଯ୍ୟଜନକ ଭାବରେ ଆମେରିକା ସହିତ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ସମର୍ଥନ କରିଥିଲେ । ତାଙ୍କର ୪୪ ମିନିଟର ଭାଷଣରେ ରୋଡ୍ରିଗେଜ କହିଥିଲେ ଯେ ଆମକୁ କୂଟନେତିକ ଭୟ କରିବା ଉଚିତ୍ ନୁହେଁ । ସେ ଆହୁରି ମଧ୍ୟ କହିଥିଲେ ଯେ ଯଦି ମୁଁ ୱାସିଂଟନକୁ ଯାଏ, ତେବେ ମୁଁ ମୋର ମୁଣ୍ଡକୁ ଉଚ୍ଚା ରଖିପାରିବି । ରୋଡ୍ରିଗେଜଙ୍କ ଭାଷଣ ସମୟରେ, ତାଙ୍କ ପାଖରେ ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କ ଏକ ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଏହା ବିଶ୍ୱାସ କରାଯାଏ ଯେ ରୋଡ୍ରିଗେଜ ନିକୋଲାସଙ୍କ ସମର୍ଥକମାନଙ୍କୁ ସନ୍ତୁଷ୍ଟ କରିବାକୁ ଏବଂ ଆମେରିକାକୁ କ୍ରୋଧିତ କରିବାରୁ ବଞ୍ଚିବାକୁ ଚାହୁଁଥିଲେ । ମାତ୍ର ଗୋଟିଏ ଦିନ ପୂର୍ବରୁ, ଭେନେଜୁଏଲାର କାମଚଳା ସରକାର ମାଦୁରୋ ଶାସନ ସମୟରେ ଗିରଫ ହୋଇଥିବା ବନ୍ଦୀଙ୍କୁ ମୁକ୍ତ କରିଥିଲା । ଜାନୁଆରୀ ୩ ତାରିଖରେ ଆମେରିକା ଭେନେଜୁଏଲାଙ୍କ ବିରୁଦ୍ଧରେ ଅପରେସନ ଆବସୋଲ୍ୟୁଟ ରିଜଲଭ ଆରମ୍ଭ କରିଥିଲା । ଏହି ଅପରେସନରେ ଆମେରିକୀୟ ସେନା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ଆମେରିକାକୁ ନେଇଯାଇଥିଲା । ମାଦୁରୋ ବର୍ତ୍ତମାନ ଆମେରିକାର ହେପାଜତରେ ଅଛନ୍ତି ଏବଂ ସେଠାରେ ତାଙ୍କ ବିରୋଧରେ ମାମଲା ଚାଲିଛି । ମାଦୁରୋଙ୍କ ଗିରଫଦାରୀ ପରେ ଡେଲସି ରୋଡ୍ରିଗେଜଙ୍କୁ ଭେନେଜୁଏଲାର କାମଚଳା ରାଷ୍ଟ୍ରପତି କରାଯାଇଛି ।

## କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନର ଯୋଜନା

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଜମ୍ମୁ-କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଏକ ବିପଜ୍ଜନକ ଷଡଯନ୍ତ୍ର କରିଛି । ଗଣତନ୍ତ୍ର ଦିବସ ପୂର୍ବରୁ ଗୁଇନ୍ଦା ଏଜେନ୍ସି ପକ୍ଷରୁ ଏହି ସୂଚନା ମିଳିଛି । ଆଇଏସଆଇ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲଇଟି)କୁ ଏହାର ଆତ୍ମଘାତୀ ସ୍କ୍ୱାଡକୁ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ (ଆଇଏସକେପି) ନାମରେ ଯୋଡି ଉପତ୍ୟକାରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ହାଇବ୍ରିଡ୍ ମଡ୍ୟୁଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ସ୍ତରରେ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା । ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଶୀର୍ଷ ସେନା ଓ ଗୁଇନ୍ଦା ଅଧିକାରୀଙ୍କ ଦ୍ୱାରା ସମଗ୍ର ଅପରେସନ ଉପରେ ନଜର ରଖାଯାଇଛି । ପାକିସ୍ତାନ ସେନାର ଏକ୍ସ କର୍ପସର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଅହମଦ ଅହସାନ ନୱାଜ ମଧ୍ୟ ଏଥିରେ ସାମିଲ ଅଛନ୍ତି। ବ୍ରିଗେଡିୟର ଫୈକ୍ ଅାୟୁବ ହେଉଛନ୍ତି ପାକ୍-ଅଧିକୃତ କାଶ୍ମୀର ସେକ୍ଟର କମାଣ୍ଡର । 'ଦି ଟ୍ରିବ୍ୟୁନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ଅଧିକାରୀମାନେ ଲସ୍କର ଓ ଜୈଶ-ଏ-ମହମ୍ମଦକୁ ସେମାନଙ୍କର ରଣନୀତି ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ କୌଣସି ଆକ୍ରମଣରେ ପାକିସ୍ତାନର ସିଧାସଳଖ ସମ୍ପୃକ୍ତିର କୌଣସି ପ୍ରମାଣ ନଥିବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୧୨ ଜଣିଆ ଆତ୍ମଘାତୀ ଦଳକୁ କାଶ୍ମୀରର ତିନୋଟି ପ୍ରମୁଖ ଜିଲ୍ଲାରେ ସକ୍ରିୟ କରାଯାଇଛି । ସେଗୁଡ଼ିକ ମଧ୍ୟରେ ବଡଗାମ, କିସ୍ତୱାର ଓ ଶ୍ରୀନଗର ରହିଛି, ଯାହା ଭୌଗୋଳିକ ଓ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଲସ୍କର-ଏ-ତୋଇବାର ବରିଷ୍ଠ କମାଣ୍ଡର ଅବୁ ହୁରାଇରା ଆତ୍ମଘାତୀ ଦଳର ନେତୃତ୍ୱ ନେଉଛନ୍ତି। ୨୦୨୧ ମସିହାରୁ ଏହା ସକ୍ରିୟ ରହିଛି । ମହମ୍ମଦ ଉମର 'ଖରଗୋଶ' ହେଉଛି ଡେପୁଟି କମାଣ୍ଡର ଏବଂ ହୁରାଇରାର ମୁଖ୍ୟ ସହଯୋଗୀ, ଯାହା ୨୦୨୨ ମସିହାରୁ ସକ୍ରିୟ ରହିଛି । ନିକଟରେ ଅନୁପ୍ରବେଶ କରିଥିବା ଅବୁ ଦୁଜାନାଙ୍କ ନାମ ମଧ୍ୟ ଅଛି । ଆତ୍ମଘାତୀ ଆକ୍ରମଣ ପାଇଁ ତାଙ୍କୁ ତାଲିମ ଦିଆଯାଇଛି । ସୁରକ୍ଷା ଏଜେନ୍ସି ବିଶ୍ୱାସ କରେ ଯେ, ପାକିସ୍ତାନ ଜାଣିଶୁଣି ନିଜ ସମର୍ଥିତ ଆତଙ୍କବାଦକୁ 'ଇସଲାମିକ୍ ଷ୍ଟେଟ୍' (ଆଇଏସ୍କେପି) ନାମରେ ପ୍ରୋତ୍ସାହିତ କରୁଛି । ଏହା ପଛରେ ଦୁଇଟି ମୁଖ୍ୟ କାରଣ ଅଛି । ପରିଚୟ ଲୁଚାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଯଦି ଏହି ଆକ୍ରମଣ ଆଇଏସ୍କେପି ନାମରେ ହୁଏ, ତେବେ ବିଶ୍ୱ ସମୁଦାୟ ଅନୁଭବ କରିବ ଯେ ଏହା ଏକ ଅନ୍ତର୍ଜାତୀୟ ଜିହାଦୀ ନେଟୱାର୍କର କାର୍ଯ୍ୟ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ନୁହେଁ । ପାକିସ୍ତାନର ଉଦ୍ଦେଶ୍ୟ ହେଉଛି ତଦନ୍ତକୁ ଜଟିଳ କରିବା ।

# ବାଣିଜ୍ୟ କାରବାର ପାଇଁ ହାତ ମିଳାଇଲେ କାନାଡା ଓ ଚୀନ !

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଚୀନର ରାଷ୍ଟ୍ରପତି ଜି ଜିନପିଙ୍ଗଙ୍କୁ ଭେଟିଛନ୍ତି । ଦୁଇ ଦେଶ ବାଣିଜ୍ୟ କାରବାର କରିବା ପାଇଁ ଅନେକ ସମୟ ଧରି ଆଲୋଚନା କରିଥିଲେ । ଏବଂ ଦୁଇ ଦେଶ ଭିତରେ ସମ୍ପର୍କରେ ସୁଧାର ଆଣିବା ପାଇଁ ଏକ ନୂଆ ପ୍ଲାନ ମଧ୍ୟ କରାଯାଇଛି । ଏହାରି ଭିତରେ ଦୁଇ ଦେଶ ନିଜର ସ୍ୱାର୍ଥ ପାଇଁ କିଛିଟା ନୀତି କୋହଳ କରିଛନ୍ତି, ଯେପରିକି ଚୀନ ଦେଶ କାନାଡାର ସୋରିଶ ଆମଦାନୀ ଉପରେ ଶୁଳ୍କକୁ କମାଇବା ବୋଲି ପ୍ରତିଶ୍ରୁତି ଦେଇଥିଲା । ଅନ୍ୟପଟେ କାନାଡା ମଧ୍ୟ ସେହିଭଳି ଭାବରେ ଚୀନ ଦେଶରୁ ଅଧିକରୁ ଅଧିକ ଇଲେକ୍ଟ୍ରିକ ଭେଇକିଲ ଆମଦାନୀ କରିବ ବୋଲି କହିଛି । ଉଦାହରଣ ସ୍ୱରୂପ, କାନାଡା ୪୯,୦୦୦ ଚୀନ୍ ବୈଦ୍ୟୁତିକ ଯାନକୁ କାନାଡା ବଜାରରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ରାଜି ହୋଇଛି, ଯେଉଁଥିରେ ସର୍ବାଧିକ ଅନୁକୂଳ ରାଷ୍ଟ୍ରଶୁଳ୍କ ହାର ୬.୧% ରହିଛି, କାର୍ନି କହିଛନ୍ତି । କାନାଡା ଏହାର ଏନର୍ଜି ଗ୍ରୀଡ୍ କ୍ଷମତାକୁ ଦ୍ୱିଗୁଣିତ କରିବାକୁ ଏବଂ ସ୍ୱଚ୍ଛ ଶକ୍ତି ଆଡକୁ ଅଗ୍ରସର ହେବାକୁ ଚାହୁଁଥିବାରୁ, ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରଗୁଡ଼ିକରେ ତାଙ୍କ ଦେଶରେ ନିବେଶ କରିବାକୁ ଚୀନକୁ ସ୍ୱାଗତ କରିଥିଲେ । ଯାହାକି ଦୁଇ ଦେଶ ପାଇଁ ଲାଭଦାୟୀ ହେବ । ଅନେକ ଦଶନ୍ଧି ପରେ କାନାଡା ପ୍ରଧାନମନ୍ତ୍ରୀ ଚୀନର ବେଜିଂ କୁ ଯାଇଥିବାର ଦେଖାଯାଇଛି । ଦୁଇ ଦେଶ ଭିତରେ ବହୁ ଦିନ ଆଗରୁ ଚୁକ୍ତି ନେଇ ଆଲୋଚନା କରାଯିବ ବୋଲି କଥା ଚାଲିଥିଲା । ରାଷ୍ଟ୍ରପତି ଜି କହିଛନ୍ତି ଯେ ଗତ ବର୍ଷ ନଭେମ୍ବରରେ ଏକ ଶିଖର ସମ୍ମିଳନୀରେ ଉଭୟ ନେତାଙ୍କ ସାକ୍ଷାତ ପରଠାରୁ ଚୀନ୍ ଏବଂ କାନାଡା ମଧ୍ୟରେ ସମ୍ପର୍କରେ ପରିବର୍ତ୍ତନ ଆସିଛି । ଅଧିକାରୀମାନେ ଏହି ଗସ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି - ୨୦୧୮ ମସିହାରେ ଜଣେ ଉଚ୍ଚପଦସ୍ଥ ହୁଆୱେଇ ଅଧିକାରୀଙ୍କ ଗିରଫଦାରୀ ପରେ



କାନାଡା-ଚୀନ୍ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା । ମାତ୍ର ବର୍ତ୍ତମାନ ଏଥିରେ ସୁଧାର ଆସିଛି ।ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ ନେଇ ଦେଶରେ ଡରାଉଥିବା ବେଳେ ଏକାଧିକ ଦେଶ ବର୍ତ୍ତମାନ ଟ୍ରେଡ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବା ଆରମ୍ଭ କରିଦେଇଛନ୍ତି ।

## ସାରା ବିଶ୍ୱରେ ହୋଇପାରେ ତୈଳ ସଙ୍କଟ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଇରାନ ସରକାରଙ୍କ ବିରୋଧରେ ହଜାର ହଜାର ପ୍ରତିବାଦକାରୀ ରାସ୍ତାକୁ ଓହ୍ଲାଇବା ପରେ ଦମନଲୀଳା କରୁଛି ଏଠିକାର ସରକାର । ଅନ୍ୟପଟେ ଆମେରିକା ଏହି ଘଟଣାକୁ ନେଇ ଇରାନ ଖେମନେଇ ସରକାରଙ୍କୁ ଧମକ ଦେଇଛି । ଯଦି ପ୍ରତିବାଦକାରୀଙ୍କୁ ଦମନ କରାଯାଏ ତାହେଲେ ଆମେରିକା ସୈନ୍ୟ ପଠାଇ ଉଚିତ ଜବାବ ଦେବ । ଆଉ ଟ୍ରମ୍ପଙ୍କ ଏଭଳି ବୟାନରେ ସାରା ବିଶ୍ୱ ଉପରେ ଏବେ ବିପଦର କଳାବାଦଲ ଦେଖାଗଲାଣି । ଆମେରିକାକୁ ଠିକଣା ଜବାବ ଦେବାକୁ ଯାଇ ହର୍ମୁଜ୍ ଜଳଡମରୁମଧ୍ୟ ବା 'ଷ୍ଟ୍ରେଟ୍ ଅଫ୍ ହରମୁଜ୍'କୁ ବନ୍ଦ କରିଦେଇପାରେ ଇରାନ୍ , ଯାହାର ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିପାରେ । 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ହେଉଛି ତୈଳ ପରିବହନ ପାଇଁ ସବୁଠୁ ମୁଖ୍ୟ ସାମୁଦ୍ରିକ ପଥ ଦୁନିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଏଲ ଚେକପଏଣ୍ଟ ହେବା କାରଣରୁ ଏହି ପଟଦେଇ ବିଶ୍ୱ ତୈଳ ରପ୍ତାନୀର ପାଖାପାଖି ଏକ ପଞ୍ଚମାଂଶ ତୈଳ ଓ ପ୍ରାକୃତିକ ଗ୍ୟାସର ପରିବହନ ହୁଏ । ଇରାନ ଉତ୍ତରରେ ଏବଂ ଓମାନ୍ ଏବଂ ୟୁନାଇଟେଡ୍ ଆରବ୍ ଏମିରେଟ୍ସର ଦକ୍ଷିଣରେ ଅବସ୍ଥିତ । ଏହା ପାରସ୍ୟ ଉପସାଗରକୁ ଓମାନ୍ ଉପସାଗର ଏବଂ ଆରବ ସହିତ ସଂଯୋଗ କରେ । ଏହା ଉପକୂଳବର୍ତ୍ତୀ ଦେଶଗୁଡ଼ିକରୁ ଏହି ସାମୁଦ୍ରିକ ପଥ ଦେଇ ଅନ୍ୟ ଦେଶଗୁଡ଼ିକୁ ତୈଳ ଓ ଗ୍ୟାସ ଭରା ଜାହାଜ ଆତଯାତ କରେ । ଏହା ୩୩ କିଲୋମିଟର ଚଉଡ଼ା । ୨୦୨୫ରେ ଏହି ପଥ ଦେଇ ୧.୩ କୋଟି ବ୍ୟାରେଲ କ୍ରୁଡ ଅଏଲ ରପ୍ତାନୀ ହୁଏ, ଯାହା ସାରା ବିଶ୍ୱ ତୈଳ ରପ୍ତାନିର ୩୧ ପ୍ରତିଶତ । ଏହି ପଟ ଦେଇ ସାଉଦୀ ଆରବ, ଇରାକ୍, ଇରାନ୍, କୁଓ୍ୱେତ, ୟୁନାଇଟେଡ୍ ଆରବ୍ ଏମିରେଟ୍ସ ଭଳି ବଡ଼ ବଡ଼ ତେଲ ଉତ୍ପାଦନକାରୀ ଦେଶରୁ ଚୀନ୍, ଭାରତ , ଜାପାନ, ଦକ୍ଷିଣ କୋରିଆ। ପରି ଦେଶକୁ ତୈଳ ଓ ନ୍ୟାଚୁରାଲ ଗ୍ୟାସ ପଠାଯାଏ । ଏହି ଦୃଷ୍ଟିରୁ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ସାରା ବିଶ୍ୱର ଆର୍ଥିକ ସ୍ଥିତିର ଏକ ମୁଖ୍ୟ ଅଂଶ । ଆମେରିକାକୁ ଜବାବ ଦେବାକୁ ଯାଇ ଇରାନ ଯଦି ଏହି ଜଳ ପଥରେ ନିଜ ନୌସେନା ମୁତୟନ କଲା, ତାହେଲେ ଏହି ପଥ ଦେଇ ଅନ୍ୟ ଦେଶକୁ ତୈଳ ପରିବହନ ବାଧିତ ହେବ ନିଶ୍ଚୟ । ଦୀର୍ଘ ଦିନ ନୁହେଁ ମାସଟିଏ ବି ପରିବହନ ବନ୍ଦ ହେଲେ ଏହାର ପ୍ରଭାବ ସାରା ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଏପରି ହେଲେ ତୈଳ ଦର ବ୍ୟାରେଲ ପିଛା ୧୦ରୁ ୨୦ ଡଲାର ବଢ଼ିଯିବ । ଆଉ ତୈଳ ଦର ପାଖାପାଖି୩୦ ପ୍ରତିଶତ ବଢ଼ିଯାଇପାରେ । ହୁହୁହୋଇ ବଢ଼ିବ ପେଟ୍ରୋଲ , ଡିଜେଲ ଦର । ଆଉ ତୈଳ ଦର ବଢ଼ିବା ମାନେ ବଢ଼ିବ ପରିବହନ ଦର । ଆଉ ତା ସହ ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀର ଦର, ଯାହା ଏବେ ଅନେକ ଦେଶଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

# ସଂସଦୀୟ ତଦନ୍ତ ବିରୋଧରେ ଜଷ୍ଟିସ୍ ବର୍ମାଙ୍କ ଆବେଦନଙ୍କ ଖାରଜ



**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା ସଂସଦୀୟ କମିଟିର ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଏସ୍ସି ଶର୍ମାଙ୍କ ନେତୃତ୍ୱରେ ଗଠିତ ଦୁଇଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲା ଶୁଣାଣି କରି ଜଷ୍ଟିସ୍ ବର୍ମାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ଜଷ୍ଟିସ୍ ବର୍ମାଙ୍କ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ, ସିଦ୍ଧାର୍ଥ ଲୁଥ୍ରା ଓ ସଂସଦର ଉଭୟ ଗୃହର ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଉପସ୍ଥିତିରେ ଶୁଣାଣି ହେବା ପରେ ସୁପ୍ରିମକୋର୍ଟ ଜାନୁଆରି ୮ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ । ଶୁଣାଣି ସମୟରେ ରୋହତାଗି ଓ ଲୁଥ୍ରା ସଂସଦୀୟ କମିଟି ଗଠନରେ ଗ୍ରହଣ କରାଯାଇଥିବା ପଦ୍ଧତି ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ କହିଥିଲେ ଯେ ଜଜ୍ (ତଦନ୍ତ) ଅଧିନିୟମ ୧୯୬୮ ଅନୁଯାୟୀ କେବଳ ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଜଣେ ବିଚାରପତିଙ୍କୁ ପଦରୁ ହଟାଇବା ପ୍ରସ୍ତାବ ଗ୍ରହଣ କରିବାର ଅଧିକାର ପାଇଛନ୍ତି । ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ନ ଥିବାରୁ ଏବଂ ଉଭୟ ସଦନରେ ଏକା ଦିନରେ ପ୍ରସ୍ତାବ ପାରିତ ହୋଇ ନ ଥିବାରୁ ଜଷ୍ଟିସ୍ ବର୍ମା ମହାଭିଯୋଗ ପ୍ରକ୍ରିୟାକୁ ବିରୋଧ କରିଥିଲେ । ଜଜ୍ ତଦନ୍ତ ଅଧିନିୟମ ଅନୁଯାୟୀ କେବଳ ଲୋକସଭା ଦ୍ୱାରା ଗଠିତ ତିନିଜଣିଆ କମିଟିର ବୈଧତାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଛନ୍ତି । ଏହା ପୂର୍ବରୁ ତିନିଜଣିଆ ତଦନ୍ତ କମିଟି ୫୫ରୁ ଅଧିକ ସାକ୍ଷୀଙ୍କୁ ପଚରାଉଚରା କରିବା ପରେ ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ମିଳିଥିବା ବିପୁଳ ପରିମାଣର ଦରପୋଡ଼ା ନଗଦ ଟଙ୍କା ମାମଲାରେ ତାଙ୍କୁ ହଟାଇବାକୁ ସୁପାରିଶ କରିଥିଲା । ପ୍ୟାନେଲ ଏହାର ୬୪ ପୃଷ୍ଠାର ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ୩୦ ତୋଗଲକ୍ କିସରେ ପରିସରରେ ଥିବା ଷ୍ଟୋର୍ ରୁମରୁ ମିଳିଥିବା ଟଙ୍କା ଏହି କମିଟି ପାଖରେ ରହିଛି । ଏଥିରେ ଆହୁରି କୁହାଯାଇଛି ଯେ, ଜଷ୍ଟିସ୍ ବର୍ମା ଜବତ ଟଙ୍କା ବିଷୟରେ କିଛି ଜାଣିନାହାନ୍ତି ବୋଲି କୌଣସି ଯୁକ୍ତିଯୁକ୍ତ ସ୍ପଷ୍ଟୀକରଣ ଦେଇପାରି ନାହାନ୍ତି । ଯଦି ଟଙ୍କା ତାଙ୍କର ନୁହେଁ ଏବଂ ଯଦି କୌଣସି ଷଡ଼ଯନ୍ତ୍ର ଥିଲା, ତେବେ ସେ କାହିଁକି ଅଭିଯୋଗ କଲେ ନାହିଁ କିମ୍ବା ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ଭାରତର ପ୍ରଧାନ ବିଚାରପତିଙ୍କୁ ଜଣାଇଲେ ନାହିଁ? ତେବେ ଜଷ୍ଟିସ୍ ବର୍ମା ପୁରା ମାମଲାରେ ନିର୍ଦ୍ଦୋଷ ବୋଲି ଦାବି କରି କହିଛନ୍ତି ଯେ, ସେ କୌଣସି ଭୁଲ୍ କିମ୍ବା ଅପରାଧ କରିନାହାନ୍ତି ।

## ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ୍‌ଙ୍କୁ ତାଙ୍କ ବିଫଳ ସାମରିକ ଆଇନ ପାଇଁ ଏକ କୋର୍ଟ ପାଞ୍ଚ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ୟୁନ୍‌ଙ୍କ ବିରୋଧରେ ଅଭିଯୋଗ ମଧ୍ୟରେ ଜାନୁଆରୀ ମାସରେ ତାଙ୍କ ବିରୋଧରେ ଗିରଫ ପରୱାନା କାର୍ଯ୍ୟକାରୀ କରିବାରେ ଅଧିକାରୀମାନଙ୍କୁ ବାଧା ଦେବା ପରି ଅଭିଯୋଗ ରହିଛି । ୟୁନ୍ ନିଜ ଘରେ ଥିବାବେଳେ ତଦନ୍ତକାରୀ ତାଙ୍କ ନିକଟରେ ଯେପରି ପହଞ୍ଚି ନପାରିବେ ସେଥିପାଇଁ ସେ ତାଙ୍କ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ଗିରଫ କରିବାକୁ ୩୦୦୦ ରୁ ଅଧିକ ପୁଲିସ ଅଧିକାରୀଙ୍କୁ ସାମିଲ କରାଯାଇଥିଲା । ୟୁନ୍‌ଙ୍କୁ ବର୍ତ୍ତମାନ ଡିଟେନସନ୍ ସେଣ୍ଟରରେ ବନ୍ଦ ରଖାଯାଇଛି । ତାଙ୍କ ବିରୋଧରେ ଆହୁରି ମଧ୍ୟ ଅଭିଯୋଗ ଅଛି ଯେ, ସେ ଦେଶରେ ସାମରିକ ଆଇନ ଘୋଷଣା କରିବା ସମୟରେ ସରକାରୀ କାଗଜପତ୍ରରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି । ଅଧିକାଂଶ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ଶକ୍ତି ଦ୍ୱାରା ବନ୍ଧା ପଡ଼ିଥିବା ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଫେରାଇ ଆଣିବାକୁ ସେ ଯୋଜନା କରିଥିବା ୟୁନ୍ ଦାବି କରିଥିଲେ । ଏହାବ୍ୟତୀତ ୟୁନ୍ ବିଦ୍ରୋହର ମାଷ୍ଟରମାଇଣ୍ଡ ଥିବା ଅଭିଯୋଗ ସମେତ ଅନ୍ୟ ଅନେକ ମାମଲାର ରହିଛି । ପବ୍ଲିକ ପ୍ରସିକ୍ୟୁଟରମାନେ କୋର୍ଟକୁ ଏହି ଅଭିଯୋଗରେ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ । ଫେବୃଆରୀରେ ଏହି ଅଭିଯୋଗର ରାୟ ଘୋଷଣା କରାଯିବ ।

# ବିଏମସି ନିର୍ବାଚନରେ ଅନିୟମିତତା ନେଇ ସଞ୍ଜୟ ରାଉତଙ୍କ ଅଭିଯୋଗ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ଶୁକ୍ରବାର ମୁମ୍ବାଇ ନଗର ନିଗମ (ବିଏମସି) ନିର୍ବାଚନକୁ ନେଇ ଗୁରୁତର ଅଭିଯୋଗ କରିଛନ୍ତି । ସେ ଭୋଟର ତାଲିକାରେ ବଡ଼ ଧରଣର ଅନିୟମିତତା, ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ) ରେ ଖରାପ ଓ ଆଚରଣ ସଂହିତାର ଉଲ୍ଲଂଘନ ନେଇ ଦାବି କରିଛନ୍ତି । ରେଜଲ୍ଟ ଦିନ ଏକ ପ୍ରେସ୍ କନଫରେନ୍ସକୁ ସମ୍ବୋଧିତ କରି ରାଉତ କହିଛନ୍ତି - ମୁମ୍ବାଇରେ ଦେଖିବାକୁ ମିଳିଥିବା ଭୋଟିଂ ପ୍ୟାଟର୍ନ ଏକ ଗୁରୁତର ମାମଲା । ସେ ଅଭିଯୋଗ କରିଛନ୍ତି ଯେ, ସେହି ଅଞ୍ଚଳରେ ଭୋଟର ତାଲିକାରୁ ହଜାର ହଜାର ଭୋଟରଙ୍କ ନାଁ ଗାଏବ ଥିଲା, ଯେଉଁଠି ଶିବସେନା (ୟୁବିଟି), ମହାରାଷ୍ଟ୍ର



ନବନିର୍ମାଣ ସେନା (ଏମଏନଏସ) ଓ କଂଗ୍ରେସକୁ ପାରମ୍ପରିକ ରୂପେ ମଜବୁତ ସମର୍ଥନ ମିଳିଥାଏ। ବିଏମସି ନିର୍ବାଚନରେ ବିଜେପି ଗଠବନ୍ଧନର ବଡ଼ ବିଜୟ ହୋଇ ଥିଲା । ସେପଟେ, ତିନି ଦଶନ୍ଧି ପରେ ଦେଶର ସବୁଠୁ ଧନୀ ନଗର ନିଗମରୁ ଶିବସେନା ୟୁବିଟି ବାହାରି ଯାଇଛି । ହଜାର ହଜାର ଲୋକଙ୍କ ନାମ, ଯିଏକି ବିଧାନସଭା ନିର୍ବାଚନରେ ମଧ୍ୟ ଭୋଟ ଦେଇଥିଲେ, ଭୋଟର ତାଲିକାରୁ ଗାଏବ ଅଛନ୍ତି । ଏହା ବିଶେଷ ଭାବେ ସେହି ଅଞ୍ଚଳରେ ହେଉଛି , ଯେଉଁଠି ଶିବସେନା (ୟୁବିଟି) , ଏମଏନଏସ କିମ୍ବା କଂଗ୍ରେସର ଭୋଟ୍ ଅଧିକ ଅଛି । ରାଉତ ଏହା ମଧ୍ୟ ଦାବି କରିଛନ୍ତି ଯେ, ଅନେକ ପୋଲିଂ ବୁଥରେ ଇଭିଏମ୍ ଖରାପ ଥିଲା । ସେ କହିଛନ୍ତି , ଯେଉଁଠି ଏନସିପି ପାଇଁ ଭୋଟ୍ ବଟନ ଦବା ଗଲା , ସେଠାରେ ବିଜେପିର ଲାଇଟ୍ ଜଳିଲା । ଶିବ ସେନା (ୟୁବିଟି)ର ଜଳନ୍ତା ମଶାଲର ଚିହ୍ନ ଓ ଏମଏନଏସର ଇଞ୍ଜିନ ଚିହ୍ନ ସହ ମଧ୍ୟ ଏମିତି ହୋଇଛି । ସେ ଆହୁରି କହିଛନ୍ତି ଯେ, ନିର୍ବାଚନ ଆୟୋଗଙ୍କୁ ବାରମ୍ବାର ଅଭିଯୋଗ କରାଗଲା , କିନ୍ତୁ କୌଣସି ଶୁଣାଣି ହେଲା ନାହିଁ । ବରିଷ୍ଠ ବିଜେପି ନେତା ଓ ମୁମ୍ବାଇ ମ୍ୟୁନିସିପାଲ କମିଶନର ଭୂଷଣ ଗାଗରାନୀଙ୍କ ମିଟିଂରେ ପ୍ରଶ୍ନ ଉଠାଇ ରାଉତ୍ ମଡେଲ କୋଡ୍ ଅଫ୍ କଣ୍ଡକ୍ଟର ଉଲ୍ଲଂଘନର ଅଭିଯୋଗ କରିଛନ୍ତି । ସେ କହିଛନ୍ତି- କାଲି ସନ୍ଧ୍ୟା ସମୟ ପାଖାପାଖି ୬ଟାରେ , ସିନିୟର ବିଜେପି ନେତା ଓ ମୁମ୍ବାଇ ମ୍ୟୁନିସପାଲ କମିଶନରଙ୍କ ମଧ୍ୟରେ ଏକ ମିଟିଂ ହୋଇଥିଲା । କାହିଁକି ? ଆଚରଣ ସଂହିତା ଏବେ ବି ଲାଗୁ ଅଛି । ଆପଣ କମିଶନରଙ୍କ ସହ ୧.୫ ଘଣ୍ଟା ବସିଲେ ଏବଂ କଣ ସ୍ଥିର କଲେ ? ଆପଣ କଣ ଆଜିର ରେଜଲ୍ଟ ପୂର୍ବରୁ ସ୍ଥିର କରିନେଇ ଥିଲେ ?ରାଉତ ଏଗଜିଟ୍ ପୋଲ୍ ସମୟରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ , ଏହି ଦାବି କରି ଯେ, ତାଙ୍କୁ ଅଫିସିଅଲି ଭୋଟିଂ ପ୍ରତିଶତ ଘୋଷିତ ହେବା ପୂର୍ବରୁ ହିଁ ଜାରି କରାଯାଇ ଥିଲା । ସେ କହିଥିଲେ , ଭୋଟିଂ ପ୍ରତିଶତ ଆସିବା ପୂର୍ବରୁ ହିଁ ଏଗଜିଟ୍ ପୋଲ ଆସିଗଲା । ଏହା କଣ ? କିଛି ସ୍ଥାନରେ ଭୋଟିଂ ଏବେ ବି ଚାଲୁ ଥିଲା , କିନ୍ତୁ ବିଜେପି ସହ ଜଡ଼ିତ ଆଉଟଲେଟ୍ସ ସେଗୁଡ଼ିକୁ ଗୋଟି ଗୋଟି କରି ଜାରି କରିବା ଆରମ୍ଭ କରି ଦେଇଛି । ବିଜେପି ନେତାମାନେ ନିଜର ବିଜୟର ଉତ୍ସବ ପାଳନ କରିବା ଆରମ୍ଭ କରି ଦେଇଛନ୍ତି ।

# ଭାରତୀୟ ସୀମାରେ ପଶିଥିବା ବେଆଇନ ପାକିସ୍ତାନୀ ଡଙ୍ଗା ଜବତ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଭାରତୀୟ ତଟରକ୍ଷୀ ବାହିନୀ ଆରବ ସାଗରରେ ଏକ ବଡ଼ ଅଭିଯାନ ଚଳାଇଛି । ଅଧିକାରୀମାନେ କହିଛନ୍ତି ଯେ ତଟରକ୍ଷୀ ବାହିନୀ ଏକ ପାକିସ୍ତାନୀ ମାଛ ଧରା ଡଙ୍ଗାକୁ ଧରିବା ସହ ୯ ଜଣ ପାକିସ୍ତାନୀଙ୍କୁ ଗିରଫ କରିଛି । ଏହି ଡଙ୍ଗା ଭାରତୀୟ ଜଳସୀମାରେ ବେଆଇନ ଭାବରେ ପ୍ରବେଶ କରିଥିଲା । ଡଙ୍ଗାରେ ମୋଟ ୯ ଜଣ ଲୋକ ଥିଲେ । ତଟରକ୍ଷୀ ବାହିନୀ ଡଙ୍ଗାକୁ ଅଟକାଇ ସମସ୍ତ କୁ ସଦସ୍ୟଙ୍କୁ ଗିରଫ କରିଛି । ଗୁଜୁରାଟ ଡିଫେନ୍ସ ପିଆରଓ ୱିଙ୍ଗ କମାଣ୍ଡର ଅଭିଷେକ କୁମାର ତିୱାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏହି ଘଟଣା ସେୟାର କରିଛନ୍ତି । ସେ କହିଛନ୍ତି ଯେ ଏହି ଅପରେସନ ୧୪ ଜାନୁଆରୀ ରାତିରେ ହୋଇଥିଲା । ଏକ ଭାରତୀୟ ପାଟ୍ରୋଲିଂ ଜାହାଜ ଆନ୍ତର୍ଜାତୀୟ ସାମୁଦ୍ରିକ ସୀମା ରେଖା ନିକଟରେ ଡଙ୍ଗାଟିକୁ ଦେଖିଥିଲା । ତଟରକ୍ଷୀ ବାହିନୀ ଦ୍ୱାରା ଚ୍ୟାଲେଞ୍ଜ କରାଯିବା ପରେ, ଡଙ୍ଗାଟି ପାକିସ୍ତାନ ଆଡକୁ ପଳାଇବାକୁ ଚେଷ୍ଟା କରିଥିଲା । ଏକ ଭାରତୀୟ ଜାହାଜ ଡଙ୍ଗାଟିକୁ ପିଛା କରି ତାକୁ ରୋକିଥିଲା ।

# ଟ୍ରମ୍ପଙ୍କ ଚେତାବନୀ ପରେ ଇରାନରେ ଅଟକିଲା ୮୦୦ ଜଣଙ୍କ ଫାଶୀ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଇରାନରେ ଲାଗିରହିଥିବା ସରକାର ବିରୋଧୀ ପ୍ରଦର୍ଶନକୁ ଚପିବାକୁ ଆୟାତୋଲ୍ଲା ଅଲି ଖେମିନି ପ୍ରଶାସନ ସମସ୍ତ ପ୍ରକାରର ବ୍ୟବସ୍ଥା ଗ୍ରହଣ କରୁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ଇରାନରେ ୮୦୦ ଜଣ ଲୋକଙ୍କ ମୃତ୍ୟୁଦଣ୍ଡ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି । ମାନବାଧିକାର ଗୋଷ୍ଠୀଗୁଡ଼ିକ ଅନୁଯାୟୀ, ଇରାନ ଦେଶବ୍ୟାପୀ ସରକାର ବିରୋଧୀ ପ୍ରଦର୍ଶନ ଉପରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯେଉଁଥିରେ ୨୬୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ସରକାରଙ୍କ ବିରୋଧରେ ପ୍ରଦର୍ଶନ କରୁଥିବା ଶହ ଶହ ଲୋକଙ୍କ ଫାଶୀ ଦେବାର ଆଶଙ୍କା ରହିଛି । ହଜାର ହଜାର ସଂଖ୍ୟାର ଲୋକଙ୍କୁ ଗିରଫ ମଧ୍ୟ କରାଯାଇଛି । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି ଯେ, ଇରାନ ସରକାରଙ୍କ ଯୋଜନାବଦ୍ଧ ମୃତ୍ୟୁଦଣ୍ଡକୁ ୱାସିଂଟନ ପ୍ରଦର୍ଶନକାରୀଙ୍କ ଉପରେ ହିଂସାତ୍ମକ ଦମନ ଭାବରେ ଗ୍ରହଣ କରିଥିବାବେଳେ ଟ୍ରମ୍ପ୍ ପ୍ରଶାସନ ଇରାନ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସିଧାସଳଖ ଚେତାବନୀ ଦେଇଛନ୍ତି । ଲେଭିଟ୍ କହିଛନ୍ତି, ବିରୋଧ ପ୍ରଦର୍ଶନକୁ ନେଇ ଯଦି ଇରାନରେ ହତ୍ୟା ଲାଗି ରହେ ତେବେ ତେହେରାନକୁ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ । ରାଷ୍ଟ୍ରପତିଙ୍କ ନିକଟରେ ସମସ୍ତ ବିକଳ୍ପ ଖୋଲା ରହିଛି । ଇରାନ ସ୍ଥିତି ଉପରେ ନଜର ରଖାଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି ।



## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଡକ୍ଟର ପ୍ରତିଭା ରାୟଙ୍କ 'ଦୟାନଦୀରୁ ନିରଞ୍ଜନା' ଉପନ୍ୟାସ ଉନ୍ମୋଚିତ

# ୨୦୩୬ର 'ବିକଶିତ ଓଡ଼ିଶା' ପାଇଁ ୨୦୨୬ ରୁ ପ୍ରୟାସ କରିବା : ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୬।୧ (ନି.ପ୍ର):** ଆମେ ୨୦୨୬ରୁ ୨୦୩୬ ମସିହା ପର୍ଯ୍ୟନ୍ତ ଏକ ଦଶନ୍ଧିର ଲକ୍ଷ୍ୟ ନେଇ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛୁ। ଏହି ସମୟରେ

### ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ପିଲାଙ୍କୁ ସାହସୀ, ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ଭାବେ ଗଢ଼ିବା

ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ପିଲାଙ୍କ ଯତ୍ନ ନେବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଏବଂ ଯୁବପିଢ଼ିଙ୍କୁ ଆନ୍ତର୍ଜାତୀୟ ଦକ୍ଷତା ପ୍ରଦାନ କରିବା ପାଇଁ ଦାୟିତ୍ୱ ନେବା ସହ ପ୍ରୋତ୍ସାହନ ଦେବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଆଜି ଭୁବନେଶ୍ୱର ଠାରେ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟଙ୍କ ଦ୍ୱାରା ରଚିତ ଐତିହାସିକ ଉପନ୍ୟାସ 'ଦୟାନଦୀରୁ ନିରଞ୍ଜନା' ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଆଗାମୀ ଏକ ଦଶନ୍ଧି ୨୦୨୬ରୁ ୨୦୩୬ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ପିଲାମାନେ, ଅର୍ଥାତ୍ ଯେଉଁମାନଙ୍କ କାନ୍ଧରେ ବିକଶିତ ଓଡ଼ିଶାର ଦାୟିତ୍ୱ ରହିଛି, ସେମାନଙ୍କୁ ସାହସୀ ଓ ସ୍ୱାବଲମ୍ବୀ କରିବା ପାଇଁ ମାତୃଭାଷାରେ ଶିକ୍ଷାଦାନ ପ୍ରଦାନ କରିବା ଜରୁରୀ। ସେହିପରି ନବଜାତ ଶିଶୁଙ୍କ ଉପଯୁକ୍ତ ଯତ୍ନ ଓ ପୋଷଣ ପାଇଁ ଗାଁ ଗାଁରେ ଏକ ସାମାଜିକ ଆନ୍ଦୋଳନର ଆବଶ୍ୟକତା ରହିଛି। ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ପ୍ରାକୃତିକ ସମ୍ପଦକୁ ଉପଯୋଗ କରି ଓଡ଼ିଶାର ଯୁବପିଢ଼ିଙ୍କୁ ଆନ୍ତର୍ଜାତୀୟ ଦକ୍ଷତା ପ୍ରଦାନ କରିବା ଆଜିର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ପ୍ରତି ସଚେତନ ହେବେ, ସେତେବେଳେ ହିଁ ସମସ୍ତଙ୍କ ଅଧିକାର ସୁରକ୍ଷିତ ରହିବ ଏବଂ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର ହେବ।



ଏହାବ୍ୟତୀତ ଶ୍ରୀ ପ୍ରଧାନ ପୁସ୍ତକ ବାବଦରେ କହିଛନ୍ତି ଯେ, ଏହି କୃତିଟି କେବଳ ଏକ ଉପନ୍ୟାସ ନୁହେଁ, ବରଂ ଏହା ଓଡ଼ିଶାର ଗୌରବମୟ ଇତିହାସ ଏବଂ ବିଶ୍ୱ ଶାନ୍ତିର ବାର୍ତ୍ତାବହ ବୌଦ୍ଧ ଦର୍ଶନର ଏକ ଅପୂର୍ବ ମହାମିଳନ। 'ଦୟା' ନଦୀ - ଯିଏ ଖ୍ରୀଷ୍ଟପୂର୍ବ ୨୬୧ରେ ରକ୍ତର ନଦୀ ଦେଖିଥିଲା। ଚଣ୍ଡାଶୋକରୁ ଧର୍ମାଶୋକ ହେବାର ସେହି ମହାନ୍ ପରିବର୍ତ୍ତନର ମୂକସାକ୍ଷୀ ହେଉଛି ଆମର ଏହି ଦୟା ନଦୀ। ଅନ୍ୟପଟେ 'ନିରଞ୍ଜନା' - ଯାହାର ତଟରେ ଭଗବାନ ବୁଦ୍ଧ ବୁଦ୍ଧତ୍ୱ ପ୍ରାପ୍ତ କରିଥିଲେ। ଏହି ଉପନ୍ୟାସ ମାଧ୍ୟମରେ ଡକ୍ଟର ରାୟ ଆଜିର ପିଢ଼ି ପାଇଁ ଇତିହାସର ସେହି ଦର୍ପଣକୁ ସାହିତ୍ୟ ଶୈଳୀରେ ଉପସ୍ଥାପନ କରିଛନ୍ତି।

ଏକବିଂଶ ଶତାବ୍ଦୀରେ ଏଭଳି ଏକ ପୁସ୍ତକର ରଚନା ନିଶ୍ଚିତ ଭାବରେ ଏକ ପ୍ରଶଂସନୀୟ ପଦକ୍ଷେପ କୁହାଯାଏ ଯେ, ଗୋଟିଏ ଜାତି, ସଭ୍ୟତା ଓ ସଂସ୍କୃତି ନିଜର ଇତିହାସକୁ ଦେଖିହିଁ ଆଗକୁ ବଢ଼ିଥାଏ; କାରଣ ଇତିହାସ ସର୍ବଦା ଏକ ଦର୍ପଣ ସଦୃଶ କାର୍ଯ୍ୟ କରେ। 'ଦୟାନଦୀରୁ ନିରଞ୍ଜନା' କେବଳ ଏକ ମାତ୍ର ଐତିହାସିକ ଉପନ୍ୟାସ ନୁହେଁ, ବରଂ ଏହା ସମଗ୍ର ମାନବ ସଭ୍ୟତାକୁ ପ୍ରେମ, କରୁଣା ଓ ଅହିଂସାର ଶାଶ୍ୱତ ସନ୍ଦେଶ ପ୍ରଦାନ କରେ। ଯେଉଁ ଐତିହାସିକ ଘଟଣା ଦିନେ ଦୟାନଦୀର ଜଳକୁ ରକ୍ତରଞ୍ଜିତ କରିଥିଲା, ତାହା ହିଁ ପରବର୍ତ୍ତୀ ସମୟରେ ବିଶ୍ୱକୁ ଶାନ୍ତିର ପଥ ପ୍ରଦର୍ଶନ କରିଥିଲା। ଏହି ମହତ ପୁସ୍ତକଟି ସାଧାରଣରେ ବହୁଳ ଭାବରେ ଆଦୃତ ହେବା ନେଇ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।

ଏହି ପୁସ୍ତକ ବିମୋଚନ ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁସ୍ତକର ଲେଖିକା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ, ଇଷ୍ଟର୍ଣ୍ଣ ରିଜିଓନାଲ ଲାଙ୍ଗୁଏଜ୍ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତି ଉଦ୍ୟମ ପଣ୍ଡ



**ଖୋର୍ଦ୍ଧା, ୧୬।୧ (ନି.ପ୍ର) :** ଖୋର୍ଦ୍ଧା ସହର ରେ ବେଶ୍ କିଛି ଦିନ ଧରି ଡକାୟତି କରିବା ଲାଗି ଏକ ଗ୍ୟାଙ୍ଗ ବିଭିନ୍ନ ସ୍ଥାନରେ ଉଦ୍ୟମ କରୁଛନ୍ତି। ସେମାନଙ୍କ ସଂଖ୍ୟା ଏକାଧିକ ହୋଇଥିବା ଜଣାପଡିଛି। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିବାରୁ ବିହାରୀ କିମ୍ବା ବଙ୍ଗଳାଦେଶୀ ଅପରାଧୀ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ଟାର୍ଗେଟରେ ତାଲା ପଡ଼ିଥିବା ଘର କିମ୍ବା ଗେଟ୍ ଭିତରେ ରହୁଥିବା ଗାଡ଼ି ଏବଂ ବାଇକ୍ ଉପରେ। ଗତକାଲି ରାତିରେ ଆଦର୍ଶ ଥାନା ଅନ୍ତର୍ଗତ ମଙ୍ଗଳା ନଗରରେ ଏହି ଭଳି ଏକ ଗ୍ୟାଙ୍ଗ ଡକାୟତି କରିବାକୁ ଯୋଜନା କରି ଘର କବାଟ ଏବଂ ତାଲା ଭାଙ୍ଗିବା ସରଞ୍ଜାମ ଧରି ପଶିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଟି ଶୁଣି ଦୌଡିବା ସମୟରେ ହିନ୍ଦୀ ଭାଷାରେ ଧମକ ଦେବା, ଗାଳି କରିବା ସୁଣିବାକୁ ମିଳିଥିଲା। ଡକାୟତ ଗ୍ୟାଙ୍ଗ ଚପଲ ଏବଂ ତାଲା କାଟିବା ସରଞ୍ଜାମ ତଳେ ପଡ଼ି ଯାଇଥିଲା। ଲୋକମାନେ ରାତିରେ ପୋଲିସ ପିସିଆରକୁ ଫୋନ କରିଥିଲେ ହେଲେ ପୋଲିସର ସହଯୋଗ ମିଳିନଥିଲା। କିଛି ଦିନ ପୁର୍ବରୁ ମଙ୍ଗଳା ନଗର ଲେନ ୫ ରେ ଜଣଙ୍କ ଘରେ ଗ୍ରିଲ୍ ତାଡି ଡକାୟତି କରିବାକୁ ଉଦ୍ୟମ କରିଥିଲେ। ସକାଳୁ ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଆସି ତଦନ୍ତ କରି ଡକାୟତ ମାନେ ଛାଡ଼ି ଯାଇଥିବା ଚପଲ, ସରଞ୍ଜାମ ସବୁ ଜବତ କରି ନେଇଛନ୍ତି। ବିଭିନ୍ନ ଫେରି କରିବାକୁ ଆସୁଥିବା ଅଜଣା ବିଦେଶୀ ଲୋକ ମାନେ ଦିନରେ ଟାର୍ଗେଟ କରି ରାତିରେ ଡକାୟତ କରିବାକୁ ଉଦ୍ୟମ କରୁଛନ୍ତି। ପୋଲିସ ପେଟ୍ରୋଲିଂ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ବୁଦ୍ଧଖୋଲ ଉନ୍ନୟନ ସମିତିର ସମୀକ୍ଷକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ

**ବୁଗୁଡା, ୧୬।୧ (ନି.ପ୍ର):** ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଐତିହାସିକ ଶୈବପୀଠ ବୁଦ୍ଧଖୋଲର ଉନ୍ନତି କଳ୍ପେ ଗଠିତ ବୁଦ୍ଧଖୋଲ ଉନ୍ନୟନ ସମିତିର ସମୀକ୍ଷକ ଗଙ୍ଗାଧର ବିଷୋୟୀଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ବ ପ୍ରଦାନ କରାଯାଇଛି। ଗତ ମାସରେ ଏହି ଦାୟିତ୍ବରେ ଥିବା ସୁରେଶ ଚନ୍ଦ୍ର ଦାଶଙ୍କ ଇସ୍ତଫା ପ୍ରଦାନ ହେତୁ ସେହି ପଦବୀଟି ଖାଲି ପଡିଥିଲା। ତେବେ ଆସନ୍ତା ମାସରେ ହେବାକୁ ଯାଉଥିବା ବୁଦ୍ଧଖୋଲ ମହୋତ୍ସବର ସୁପରିଚାଳନା ଓ ସଫଳତାକୁ ଦୃଷ୍ଟିରେ ରଖି ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାଧାରଣ ସମ୍ପାଦକ କାର୍ଯ୍ୟ ସମ୍ପାଦନ ପାଇଁ ଗଙ୍ଗାଧର ବିଷୋୟୀଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବା ଜଣାଯାଇଛି।



## ଗଞ୍ଜାମ ବ୍ଲକରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଛତ୍ରପୁର ବିଧାୟକ

**ଗଞ୍ଜାମ, ୧୬/୧ (ନି.ପ୍ର):** ଛତ୍ରପୁର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଦୀର୍ଘ ଦିନର ନ୍ୟାୟ ସଂଗତ ଦାବି ନେଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଛତ୍ରପୁର ଓ ପୂରା ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ବହୁଦିନର ନ୍ୟାୟସଙ୍ଗତ ଦାବି ପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ବ୍ଲକ ଅଞ୍ଚଳରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଛତ୍ରପୁର ଷ୍ଟେସନରେ ଫାଲକୋନାମା ଏକ୍ସପ୍ରେସ ଓ ଯଶବନ୍ତ ପୁର - ହାଓ୍ୱଡା ଏକ୍ସପ୍ରେସର ରହଣି ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଅଞ୍ଚଳର ଛାତ୍ରୀଛାତ୍ର ମାନେ ଗୁଣାତ୍ମକ ଓ କେନ୍ଦ୍ରୀୟ ମାନ ଦଣ୍ଡର ଶିକ୍ଷା ପାଇବେ ଯାହା ଭବିଷ୍ୟତ ଗଢିବାରେ ସହାୟକ ହେବ। ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ସାମଗ୍ରିକ ବିକାଶ, ଶିକ୍ଷା ଓ ଯାତାୟାତ ସୁବିଧାକୁ ନୂତନ ଦିଗ ଦେବ। ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଆମ ସଂକଳ୍ପ ଅତୁଟ। ଜନତା ଙ୍କ ସ୍ୱର ପହଂଞ୍ଚାଇବା ଆମର ଲକ୍ଷ୍ୟ ବୋଲି ବିଧାୟକ ନାୟକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିବା ଜଣା ପଡିଛି।



## କୁକୁଡ଼ାଖଣ୍ଡିରେ ବେଟି ପଢ଼ାଅ ବେଟି ବଚାଅ କାର୍ଯ୍ୟକ୍ରମ

**କୁକୁଡ଼ାଖଣ୍ଡି,୧୬/୧:** କୁକୁଡ଼ାଖଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବେଟି ପାଅ ବେଟି ବଚାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସିଡ଼ିପିଓ କୁସୁମ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକର ବିଡ଼ିଓ ପଲ୍ଲବୀ ସ୍ୱାଇଁ,ବିଇଓ ସନ୍ତୋଷ କୁମାର ମହାପାତ୍ର, ଆଇନଜୀବି ସୋନାଲି ରାଜ ବେହେରା, ଦାଶରଥି ତ୍ରିପାଠୀ, ଫାଇନାନସିଆଲ କ୍ରେଡିଟ କାଉନସିଲର ଦିଲ୍ଲୀପ କୁମାର ଦଳାଇ, ପ୍ରମୋଦା ଦାସ, ବବିତା ମହାରଣା, ଡ଼କ୍ଟର ବିଜୟ ଲକ୍ଷ୍ମୀ ପଣ୍ଡା, ଶିକ୍ଷକ ଏମ ଡ଼ମ୍ବରୁ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କିଶୋରୀ ବାଳିକାଙ୍କ ପାଇଁ ରହିଥିବା ବିଭିନ୍ନ ଅଧିକାର ଓ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକ , ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ମହିଳାମାନଙ୍କୁ ଯେପରି ସମ୍ବିଧାନର ନିୟମ ଅନୁସାରେ ରାଜନୀତି, ଅର୍ଥ ନୀତି, ସାମାଜିକ, ପାରିବାରିକ କ୍ଷେତ୍ରରେ ଯେପରି ପୁଅ ତୁଳନାରେ କମ ନହେବା ପାଇଁ ଅତିଥିମାନେ ମତ ରଖିଥିଲେ। ସାମାଜିକ ସ୍ତରରେ ଝିଅ ମାନଙ୍କୁ ଗୁରୁତ୍ୱ ଏବଂ ସୁରକ୍ଷା ବିଷୟରେ ସଚେତନତା କରାଯାଇଥିଲା। ସେହିଭଳି ପ୍ରଶିକ୍ଷକମାନେ ରାଜନୈତିକ ଅଧିକାର ଓ ଆର୍ଥିକ ଅଧିକାର ଉପରେ ମତ ରଖିଥିଲେ। ଓଡ଼ିଶାରେ ପ୍ରତି ଗାଁର କୋଣ ଅନୁକୋଣରେ ଶିଶୁ କନ୍ୟାକୁ ବଂଚାଇବା, ଝିଅମାନଙ୍କୁ ପାଢ଼ବା, ସ୍ୱାସ୍ଥ୍ୟ ଓ ପୋଷଣର ଯତ୍ନ ନେବା, ଲିଙ୍ଗ ଅନୁପାତରେ କନ୍ୟା ଶିଶୁର ହାର ବୃଦ୍ଧି କରିବା, ଆର୍ଥିକ ଅଧିକାର ଓ ରାଜନୈତିକ ଅଧିକାର ସହ ବିଭିନ୍ନ ମହିଳାମାନଙ୍କ ଅଧିକାର ଖୁର୍ଣ୍ଣ ହେଲେ ତା ପାଇଁ ରହିଥିବା ଆଇନର ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩ ଜଣ କିଶୋରୀ ଚମ୍ପିୟାନ ମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଶେଷରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ ସହ ରାଲି ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସୁପର ଭାଇଜର,ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଯୋଗଦେଇଥିଲା।




## ଜଗତସିଂହପୁର ରେ ଧାନ ମଣ୍ଡି ଉଦଘାଟିତ

**ଜଗତସିଂହପୁର, ୧୬/୦୧ (ନି.ପ୍ର) :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଆଲିଫିଙ୍ଗଳ ଠାରେ ଥିବା ଗୋପାଳ ଜୀଉ ଧାନ ମଣ୍ଡିରେ ଧାନ ମଣ୍ଡି ଶୁଭ ଉଦଘାଟନ ହୋଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଜିତ୍ରାୟ ଚରଣ ଟୁଡୁ, ଡିଆରସିଏସ ଶ୍ରୀ ପ୍ରଭାସ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀ ରେ ସୁରୁଖୁରୁରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେୟ ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ରେ ପାକ୍ସ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଲା 'ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍' ପାଠ୍ୟକ୍ରମ

**କଟକ,୧୬।୧ (ନି.ପ୍ର):** ଆଜି ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଛି ପ୍ରାଚ୍ୟ ଶିକ୍ଷା ପ୍ରଣାଳୀର ଏକ ନୂତନ ପାଠ୍ୟକ୍ରମ। ଯାହାର ନାମ ରହିଛି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ । ଏହା ପୁଣିଥରେ ପାଶ୍ଚାତ୍ୟ ଉପରେ ପ୍ରାଚ୍ୟର ବିଜୟକୁ ପ୍ରମାଣିତ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ଏସିଆ ମହାଦେଶରେ କୌଣସି ବିଶ୍ୱବିଦ୍ୟାଳୟରେ ପ୍ରଥମଥର ପାଇଁ ଏଭଳି ପାଠ୍ୟକ୍ରମ ଖୋଲିଛି। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ ଏହି ବାର୍ତ୍ତା ଦେଇଥିଲେ ଯେ, ଆଜି ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଥିବା ସମସ୍ତ ପ୍ରକାର ସଙ୍କଟର ସମାଧାନ ପାଇଁ ସାରା ଦୁନିଆ। ପ୍ରାଚ୍ୟ ଆଡ଼କୁ ଦେଖିବାର ଆବଶ୍ୟକତା ରହିଛି ଏବଂ ତା' ସଙ୍ଗେ ସଙ୍ଗେ ପ୍ରାଚ୍ୟ ଜ୍ଞାନ ପରମ୍ପରାରୁ ଶିଖିବାର ଆବଶ୍ୟକତା ରହିଛି। ଏହି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ଜାତୀୟ ଶିକ୍ଷା ନୀତି- ୨୦୨୦ ସହ ସମନ୍ୱୟ ରକ୍ଷାକରି ପ୍ରାଚ୍ୟର ଶିକ୍ଷାପଦ୍ଧତି ସହ ଅବଶିଷ୍ଟ ବିଶ୍ୱକୁ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛି। ଏହି ପାଠ୍ୟକ୍ରମ ଅଧୀନରେନୀତିଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଖଗୋଳ ବା ଜ୍ୟୋତିଷ ଶାସ୍ତ୍ର, ଭାରତୀୟ-ମାନବ-ବିଜ୍ଞାନ, ବ୍ୟାକରଣ ଶାସ୍ତ୍ର, ଶିଳ୍ପ ଏବଂ ବାସ୍ତୁ ଶାସ୍ତ୍ର, ସାମଗ୍ରିକ ସ୍ୱାସ୍ଥ୍ୟ ତଥା ନାଟ୍ୟଶାସ୍ତ୍ର ଭଳି ଆଠଟି ପ୍ରମୁଖ ପ୍ରାଚୀନ ଭାରତୀୟ ବିଷୟ ରହିଛି । ଏହା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଗତ ଡିଗ୍ରୀ ସହ ଗବେଷଣା ଆଦି ପାଇଁଡକ୍ଟରାଲ୍ ଓ ପୋଷ୍ଟ ଡକ୍ଟରାଲ୍ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ କରାଉଛି। ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ ପାଠ୍ୟକ୍ରମର ଲୋକାର୍ପଣ ଉପଲକ୍ଷେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧିକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଡିନ୍ ପ୍ରଫେସର (ଡ.) ବିପ୍ଳବ ବିଶ୍ୱାଳ ଏବଂ ଏହି ନୂତନ ପାଠ୍ୟକ୍ରମ ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମର ଡିନ୍ ଡ. ଭରତ ଦାଶ ପ୍ରମୁଖମଞ୍ଚାସୀନ ଥିଲେ। ବିଶେଷ କରି ନିଯୁକ୍ତି କ୍ଷେତ୍ରରେ ଏହା ବିଦ୍ୟାର୍ଥୀମାନଙ୍କୁ କିଭଳି ସହାୟକ ହେବ ଏବଂ ଏଭଳି ଏକ ଅଭିନବ ପାଠ୍ୟକ୍ରମର ଭବିଷ୍ୟତ କ'ଣ ରହିବ, ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ଭିଡ଼ ଭିତରେ ଏହା କିଭଳି ନିଜ ଅସ୍ତିତ୍ୱ ବଜାୟ ରଖିପାରିବ, ତାହା ହିଁ ଏହି ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍ ପାଠ୍ୟକ୍ରମର ଭବିଷ୍ୟତ ନିର୍ଦ୍ଧାରଣ କରିବ।



## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ




**ବଲାଙ୍ଗିର, ୧୬।୧ (ନି.ପ୍ର):** ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ବଲାଙ୍ଗିର ପରିସରରେ ଆଜି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସଫଳତାର ସହ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରଭ୍ ଶିଓ୍ୱାଜୀ ଇସଲଓ୍ୱାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରୁଣୀ ସୁନା, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ପଦ୍ମିନୀ ସାହୁ ଏବଂ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ସମା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୬୬୮ ଜଣ ଚାକିରି ଆଶାୟୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ୯ ଜଣ ପ୍ରାର୍ଥୀଙ୍କୁ ତୁରନ୍ତ ନିଯୁକ୍ତି ପତ୍ର ଏବଂ ୧୨ ଜଣ ନାନୋ ୟୁନିକର୍ଣ୍ଣ ହିତାଧିକାରୀଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ସମସ୍ତ ଷ୍ଟଲ୍ଗୁଡ଼ିକୁ ପରିଦର୍ଶନ ପୂର୍ବକ ଆଶାୟୀମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କୁ ପ୍ରେରଣା ଦେଇଥିଲେ। ଆତିଥ୍ୟ, ସ୍ୱାସ୍ଥ୍ୟସେବା ସେବା, ଆର୍ଥିକ ସେବା, ଉତ୍ପାଦନ ଏବଂ ଅନ୍ୟାନ୍ୟ ବୃତ୍ତିଗତ କ୍ଷେତ୍ରରୁ ମୋଟ ୨୨ ଟି ଘରୋଇ ନିଯୁକ୍ତିଦାତା ବିଭିନ୍ନ ଚାକିରି ପ୍ରଦାନ କରିବାକୁ ଆସିଥିଲେୟ ସେହିପରି ଜିଲ୍ଲାରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ପାଇଁ ୧୦ ପ୍ରକଳ୍ପ କାର୍ଯ୍ୟକାରୀଣି ସଂସ୍ଥା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ପଦ୍ମିନୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ଧାରଣା



**କବିସୂର୍ଯ୍ୟନଗର, ୧୬।୧ (ନି.ପ୍ର):** ଶିକ୍ଷକ ବିଦଳୀ କୁ ବିରୋଧ କରି ରାଜ ରାସ୍ତାରେ ଛାତ୍ର ଛାତ୍ରୀ ଓ ଅଭିଭାବକ। ବଦଳି ଶିକ୍ଷକ ଙ୍କୁ ଧରି ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଧାରଣା ରେ ବସିଛନ୍ତି ଛାତ୍ର ଛାତ୍ରୀ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ଏ. ବରିଡା ଗ୍ରାମର ପିଏମ ଶ୍ରୀ ଦଧିବାମନ ନୋଡାଲ ଉଚ୍ଚ ବିଦ୍ୟାଳୟ ଆଗରେ। ବିଦ୍ୟାଳୟ ରେ ତାଲା ପକାଇ ଫାଟକ ଆଗରେ ଛାତ୍ର ଛାତ୍ରୀ ବଦଳି ନିର୍ଦେଶ ହୋଇଥିବା କୃଷ୍ଣଚନ୍ଦ୍ର ବେହେରା ନାମକ ଶିକ୍ଷକ ଙ୍କ ହାତ ଏବଂ ଗୋଡ଼କୁ ଧରି ବସିଥିବା ଦେଖିବାକୁ ମିଳିଛି। ଫଳରେ ବିଦ୍ୟାଳୟ ବନ୍ଦ ରହିବା ସହ ଶିକ୍ଷକ ଶିକ୍ଷୟତ୍ରୀ ବାହାରେ ରହିଛନ୍ତି। ୨୦୦୮ ମସିହା ଠାରୁ କୃଷ୍ଣଚନ୍ଦ୍ର ସାର ଏହା ବିଦ୍ୟାଳୟ ରେ ନିରନ୍ତର ଭାବେ କାର୍ଯ୍ୟ କରୁଥିବା ବେଳେ ରାଜନୈତିକ ଅଭିଶନ୍ଧି ରଖି ବର୍ତ୍ତମାନ ତାଙ୍କୁ ଅନ୍ୟତ୍ର ବିଦ୍ୟାଳୟ କୁ ବଦଳି ନିର୍ଦେଶ ହୋଇଛି। ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା ରହିଥିବା ଯୋଗୁଁ ଶିକ୍ଷକ ବଦଳି ଦ୍ୱାରା ପାଠପଢା ଉପରେ ପ୍ରଭାବ ପଡିବା ଦର୍ଶାଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ପ୍ରତିବାଦ କରିଛନ୍ତି। ଶିକ୍ଷକ ଙ୍କ ବଦଳି ନିର୍ଦେଶ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବା ନେଇ ସମସ୍ତେ ଚେତାବନୀ ଦେଇଛନ୍ତି।

## ଜଟଣୀର ଦ୍ୱିତିୟ ପଥ ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

**ଜଟଣୀ, ୧୬।୧ (ନି.ପ୍ର):** ଜାନୁଆରୀ ୧୮ ତାରିଖ ରବିବାର ଦିନ ଦ୍ୱିତିୟ ପଥ ଉତ୍ସବର ଧମାକା ଆସୁଥିବା ବେଳ, ୧୬ ଜାନୁୟାରୀରେ ପଥ ଉତ୍ସବର କର୍ମକର୍ତ୍ତା ଆମନ୍ତ୍ରଣ କରିଥିଲେ ସାମ୍ବାଦିକ ସମ୍ମିଳନୀ। ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା, ୧୬ ନମ୍ବର ଜାତୀୟ ରାଜପଥ, ତଳଖେତା ଛକ ନିକଟ ଭୁଆସୁଣୀ ମନ୍ଦିର ସାମ୍ନା ହୋଟେଲ ଅତିଥି ସଭା ଗୃହରେ। ସମ୍ମିଳନୀରେ ଗଣମାଧ୍ୟମକୁ, ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଞ୍ଜନ ବଡଜେନା ଜଟଣୀର ପଥ ଉତ୍ସବ କିଭଳି ସରସ ସୁନ୍ଦର ହୋଇପାରିବ ତାର ବିସ୍ତୃତ ବିବରଣୀ ଦେଇଛନ୍ତି। ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଦକ୍ଷ କଳାକାର ଡଃ ଋଷି ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିକାଶ ପରିଷଦ ଏହି ପଥ ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଜଟଣୀର ଦ୍ୱିତିୟ ପଥ ଉତ୍ସବ ପାଇଁ କୃଷ୍ଣଙ୍କ ସାରଥି ଭଳି ପହଞ୍ଚିଥିଲେ ଜଣେ ମହାନ ବେକ୍ତିତ୍ୱ ଡଃ ଉମାକାନ୍ତ ପଟ୍ଟନାୟକ, ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସମ୍ପୂର୍ଣ୍ଣ ସହଯୋଗର ହାତ ବଢାଇ ଥିଲେ। ଏହି ବୈଠକରେ ବିକାଶ ପରିଷଦ ସଭାପତି ସୁଦର୍ଶନ ସୁନ୍ଦରାୟ, ମନୋଜ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ମହାପାତ୍ର, ଲିଟୁ ରଞ୍ଜନ ରାଉତରାୟ, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ପଥ ଉତ୍ସବକୁ କିଭଳି ଉଚ୍ଚ କୋଟିର ସହିତ ଅଧିକରୁ ଅଧିକ ପ୍ରଚାର ପ୍ରସାର ହୋଇପାରିବ ସେଥିପ୍ରତି ସହଯୋଗ କରିବା ପାଇଁ ଗଣମାଧ୍ୟମକୁ ନିବେଦନ କରିଥିଲେ। ଏହି ପଥ ଉତ୍ସବଟି ଜଟଣୀ ହରି ଭାଇନା ଛକ ଠାରୁ ମହୁଲି ଗୁଡ଼ିଆ ଛକ ମଧ୍ୟରେ ଥିବା ଉଭୟ ପାର୍ଶ୍ୱ ରାସ୍ତାରେ ଅନୁଷ୍ଠିତ ହେବାକୁ ଥିବାବେଳେ, ଥାନା ଛକ ପର୍ଯ୍ୟନ୍ତ ବଢାଇବାର ପ୍ରସ୍ତାବ ରହିଛି। ଡିସେମ୍ବର ମାସରୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମାର୍ଗ ଦର୍ଶନରେ ଏହା ପ୍ରତ୍ୟକ ମାସ ତୃତୀୟ ରବିବାର ଦିନ ଅନୁଷ୍ଠିତ ହେବା ପାଇଁ ପ୍ରସ୍ତାବ ରହିଛି। ଏହି ପଥ ଉତ୍ସବରେ ଭାଗ ନେବାକୁ ଇଚ୍ଛୁକ ସମସ୍ତ ପ୍ରକାରର କଳାକାର, ସାଂସ୍କୃତିକ ଅନୁଷ୍ଠାନ, ସାହିତ୍ୟିକ ଅନୁଷ୍ଠାନ, ନୃତ୍ୟ, ଗିତ, ସଙ୍ଗୀତ, ପାଲା, ଦାସ କାଠିଆ, ଘୁଡୁଘୁଡି ସଙ୍ଗୀତ, ସାମରିକଶିକ୍ଷା, ସ୍କୁଲ, କଲେଜ ସ୍କାଉଟ, ଗାଇଡ୍ ପ୍ରବୃତି ଇଚ୍ଛୁକ ବ୍ୟକ୍ତି, ସଂସ୍ଥା, ସଙ୍ଗଠନ ମାନେ ଆଗୁଆ। ୯୩୩୭୦୫୨୭୦୬ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ଗ୍ରାମାଞ୍ଚଳର ଲୁଚି ରହିଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହ ଲୋପ ପାଇ ଯାଉଥିବା କଳା ସଂସ୍କୃତିକୁ ବଞ୍ଚାଇବା ପାଇଁ ଏହି ପଥ ଉତ୍ସବର ପ୍ରୟାସ। ଲୁପ୍ତ କୁ ସୁପ୍ତ କରିବା ପାଇଁ ପଥ ଉତ୍ସବ ଆୟୋଜନ କରାଯାଉଛି ବୋଲି କମିଟିର ସଦସ୍ୟ ମାନେ ମତବ୍ୟକ୍ତ ରଖିଥିଲେ। ଦ୍ୱିତିୟ ପଥ ଉତ୍ସବରେ ୧୪୫ଟି କାର୍ଯ୍ୟକ୍ରମ ପ୍ରଦର୍ଶନ ସହ. ସ୍ଥାନୀୟ ସ୍ୱଚ୍ଛୋସେବୀ, ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବୟ ଜାନୁୟାରୀ ୧୮ ତାରିଖରେ ଅନୁଷ୍ଠିତ ପଥ ଉତ୍ସବସରେ ଜନ ସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଗଣମାଧ୍ୟମ ଜରୀଆରେ ପଥ ଉତ୍ସବ କମିଟି ନିବେଦନ କରିଛନ୍ତି। ଆବାହକ ଡ ପାଟ୍ଟନାୟକ ସମସ୍ତ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପ୍ରଭାତ କ୍ଲବର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୨ୟୁନିଟ ରକ୍ତ ସଂଗ୍ରହ

**ଡେଲାଙ୍ଗ, ୧୬।୧ (ନି.ପ୍ର) :** ଡେଲାଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପରିସରରେ ପ୍ରଭାତ କ୍ଲବ ଓ ଆମ ଓଡିଶା ର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୫୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅବସରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା ଉଦଘାଟକ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିର କୁ ଉଦଘାଟନ କରିଥିଲେ। ଏଥିରେ ପୁଲିସ ବିଭାଗ ଅଧିକାରୀ, ରେଳବିଭାଗ ଅଧିକାରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ ଙ୍କ ସମେତ ଯୁବ ସମାଜସେବୀ ମାନେ ଏହି ଶିବିରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଆୟୋଜକ ମାନେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଭାତ କ୍ଲବ ର ମୁଖ୍ୟ ପରିଚାଳନା କମିଟି ସଦସ୍ୟ ପଦ୍ମନାଭ ବରାଳ, ଗନ୍ଧର୍ଭ ପ୍ରଧାନ, ସୁକାନ୍ତ ସାହୁ, ରତ୍ନାକର ଜେନା,ସମ୍ବାଦ ସାହିତ୍ୟ ଘର ବରିଷ୍ଠ ଉପଦେଷ୍ଟା ଡ଼. ହେମନ୍ତ କୁମାର ଛୋଟରାୟ, ସଭାପତି ଆଇନଜୀବୀ ହୃଷିକେଶ ପାଢ଼ୀ, ଗୋପବନ୍ଧୁ ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଭୁବନେଶ୍ୱର ବିଏମସି ହସ୍ପିଟାଲର ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ଲିପକ କୁମାର ପାତ୍ର, ସଂଘମିତ୍ରା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରକାଶ କୁମାର ବରାଳ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଜିର ଏହି ଶିବିର ପ୍ରଭାତ କ୍ଲବ ର କୋଷାଧ୍ୟକ୍ଷ ତଥା ଯୁବ ସମାଜସେବୀ ସ୍ୱାଗତ ବରାଳ ଙ୍କ ଜନ୍ମଦିନ ଉପଲକ୍ଷେ ଉତ୍ସର୍ଗୀକୃତ ହୋଇଥିଲା।



# ନୂଆ ଆର୍ଥିକ ଅଧ୍ୟାୟ ତିଆରି କରିବ ଓଡ଼ିଶା : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୬।୧ (ନି,ପ୍ର): ଓଡ଼ିଶାର ଅପାର ସମ୍ଭାବନା ଯଥା ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି, ସୁଦୀର୍ଘ ବେଳାଭୂମିର ବନ୍ଦର ଏବଂ ନୂତନ ଯୁଗର ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ଏକ ସମୃଦ୍ଧ ଅର୍ଥନୈତିକ ଅଧ୍ୟାୟ ସୃଷ୍ଟି କରିବା ଆଜି ସମୟର ଆହ୍ୱାନ । ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର ଠାରେ ଆଜି ଆୟୋଜିତ 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା କରିବ । ବିଜ୍ଞାନ ଓ ବୈଷୟିକ କୌଶଳର ପ୍ରୟୋଗ ମାଧ୍ୟମରେ ସ୍ଥାନୀୟ ସମ୍ବଳକୁ ରୋଜଗାରକ୍ଷମ କରିବା ଏବଂ ବିଶ୍ୱସ୍ତରୀୟ ବଜାର ସହ ଯୋଡ଼ିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା । ନୂତନ ଯୁଗର ଅର୍ଥନୀତିରେ ଓଡ଼ିଶାର ଅପାର ସମ୍ଭାବନା ରହିଥିବା ଦର୍ଶାଇ ସେ କହିଛନ୍ତି ଯେ, ରାଜ୍ୟ ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନରହି 'ସ୍ପେଶାଲିଟି ଷ୍ଟିଲ୍' ଓ ଉଚ୍ଚମାନର




ମ୍ୟାନୁଫ୍ୟାକ୍ଚରିଂ ଦିଗରେ ଆଗେଇବା ଆବଶ୍ୟକ । ବିଶେଷ କରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି । କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର ଦୁନିଆରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି । ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଏବଂ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟ ରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାମାନଙ୍କୁ ନେଇ ଆମେ ଏକ ବଡ଼ ଇକୋସିଷ୍ଟମ ତିଆରି କରୁଛୁ ।

ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନହୋଇ ମୂଲ୍ୟଯୁକ୍ତ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଆମର ଯୁବଶକ୍ତି ହେଉଛି ଆମର ବଡ଼ ପୁଞ୍ଜି । ସେମାନଙ୍କ ପାଖରେ ନୂତନ ଚିନ୍ତାଧାରା, ଶକ୍ତି ଏବଂ ଆଗ୍ରହ ରହିଛି । ସେମାନଙ୍କୁ ନୂତନ ଯୁଗର ଦକ୍ଷତା ସହ ଗଢ଼ି ତୋଳିଲେ, ଆମେ ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ର ସ୍ୱପ୍ନ ସାକାର କରିପାରିବା । ସମସ୍ତ ଉଦ୍ୟୋଗୀମାନଙ୍କୁ ଆଗାମୀ ୧୦ ବର୍ଷର ଲକ୍ଷ୍ୟକୁ ଆଖି ଆଗରେ ରଖି କେବଳ ବ୍ୟବସାୟ ନୁହେଁ, ବରଂ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ପ୍ରଧାନ ଆନୁରୋଧ କରିଛନ୍ତି ।

ଦେଶର ଅର୍ଥନୀତି ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଶ୍ୱର ଭୂ-ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ସମୃଦ୍ଧ ହେଉଛି । ବିଶ୍ୱର ଭୂ-ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଆଜି ଭାରତର ଅର୍ଥନୀତି ସମୃଦ୍ଧ ହେଉଛି । ୧୯୪୭ ମସିହା ସ୍ୱାଧୀନତା ପରଠାରୁ ୨୦୧୪ ପର୍ଯ୍ୟନ୍ତ ଆମ ଦେଶ ୨ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଥିଲା । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ, ଅର୍ଥାତ୍ ମାତ୍ର ୧୦ ବର୍ଷ ମଧ୍ୟରେ ଭାରତ ଆଉ ୨ ଟ୍ରିଲିୟନ ଡଲାର ଯୋଡ଼ିପାରିଛି । ଆଜି ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି, ଯାହା ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପରିଣାମ । 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଉଦ୍ୟୋଗୀଙ୍କୁ ସମ୍ମାନିତ କରିଛନ୍ତି । ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଟାଇମ୍ସ ଅଫ୍ ଇଣ୍ଡିଆ ଦେଶର ଏକ ଦାୟିତ୍ୱବାନ ମିଡିଆ ହାଉସ୍ ଭାବରେ କେବଳ ଖବର ପ୍ରକାଶ କରେ ନାହିଁ, ବରଂ ସମାଜରେ ଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ପ୍ରୋତ୍ସାହିତ କରିଥାଏ । ଆଜି ପୁରସ୍କାର ଗ୍ରହଣ କରିଥିବା ବ୍ୟକ୍ତିବିଶେଷମାନେ କେବଳ 'ୱେଲଥ୍ କ୍ରିଏଟର' ନୁହଁନ୍ତି, ବରଂ ଆମ ରାଜ୍ୟ ପାଇଁ ପ୍ରେରଣାର ଉତ୍ସ । ସେମାନଙ୍କ ପ୍ରୟାସରେ ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ସମ୍ପଦ ଏବଂ ଉତ୍କୃଷ୍ଟ ମାନବ ସମ୍ବଳ ଆମକୁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ସେ ମତପ୍ରକାଶ କରିଥିଲେ ।

## ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସରାପଙ୍କ ପରଲୋକ

ଭୁବନେଶ୍ୱର, ୧୬।୧ (ନି.ପ୍ର.): ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବୀର କିଶୋର ସରାପଙ୍କ ଗୁରୁବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା । ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ତାଙ୍କର ଗୋଟିଏ ପୁଅ ଏବଂ ଦୁଇଟି ଝିଅ ଅଛନ୍ତି । ପୂର୍ବରୁ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଥିଲା ।ପ୍ରଫେସର ସରାପ ବହୁବର୍ଷ ଧରି ଆଇଆଇଟି ଖଡ଼ଗପୁରର ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ସେ ଡିଆରଡିଓ ଦ୍ୱାରା ବିକଶିତ ଅଗ୍ନି କ୍ଷେପଣାସ୍ତ୍ରର କିଛି ଉପାଦାନର ଡିଜାଇନ୍ ସହିତ ମଧ୍ୟ ଜଡିତ ଥିଲେ । ସ୍ୱର୍ଗତ ସରାପ ପୂର୍ବରୁ ବୁର୍ଲାରେ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂ (ବର୍ତ୍ତମାନ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି)ର ଅଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

## ସରକାରୀ ଜମି ଦଖଲକାରୀଙ୍କୁ ଜମିପଟ୍ଟା ପ୍ରଦାନ ପାଇଁ ବିଜେଡିର ଦାବି

କନ୍ଧମାଳ, ୧୬।୧ (ନି.ପ୍ର.): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଦୀର୍ଘ ୭୦ ବର୍ଷ ଧରି ସରକାରୀ ଜମିରେ ବାସ ଗୃହ କରି ରହି ଆସୁଛନ୍ତି ! ସେସବୁ ଜମିରୁ ବାସ ଗୃହ ଉଚ୍ଛେଦ କରିବାକୁ ୧୭୦୦ ଲୋକଙ୍କୁ ଏଭିକ୍ସନ ନୋଟିସ ଦିଆ ଯାଇଛି ! ଅପର ପକ୍ଷରେ ଜୋରିମାନା ମଧ୍ୟ ଆଦାୟ ପାଇଁ ମଧ୍ୟ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ନୋଟିସ ଜାରି କରିଛନ୍ତି । ଏପରିକି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ଭାଙ୍ଗିବାକୁ ମଧ୍ୟ ନୋଟିସ ଦିଆ ଯାଇଛି ! ୧୯୭୬, ୨୦୧୪ ଓ ୨୦୨୧/୨୨ ସେଟେଲମେଣ୍ଟ ରେ ସରକାରୀ ଜବର ଦଖଲ ମାମଲା ଗୁଡିକୁ ସେଟେଲ କରି ପଟ୍ଟା ଦିଆଗଲା ନାହିଁ । କେବଳ ୧୦% ଲୋକଙ୍କୁ ଜମି ପଟ୍ଟା ଦିଆଗଲା ଓ ୯୦% ଲୋକଙ୍କୁ ପଟ୍ଟା ମିଳିଲା ନାହିଁ । ଉଷା ସର୍ଭେ ପଟ୍ଟା ମଧ୍ୟ କିଛି ଲୋକେ ପାଇଲେ ୨୦୨୪ ରେ ଏବଂ ୨୦୨୫ ଓ ୨୬ ରେ ଉଷା ଜମି ପଟ୍ଟା ମିଳିନାହିଁ !ଜାଗା ମିଶନ ବନ୍ଦ ରହିଛି । ତେବେ ସରକାରୀ ଜମିରେ ଥିବା ବାସ ଗୃହ କୁ ଉଚ୍ଛେଦ ବନ୍ଦ କରି ସେସବୁ ଜମିକୁ ଆଇନ ସଂଶୋଧନ କରି ସେଟେଲ କରାଯାଇ ପଟ୍ଟା ପ୍ରଦାନ କରିବାକୁ ବିଜେଡି ସଭାପତି ତଥା



ପୂର୍ବତନ ମନ୍ତ୍ରୀ ପଦ୍ମ ନାଭ ବେହେରା ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ପ୍ରିୟା ବେହେରା ଙ୍କ ନେତୃତ୍ୱରେ ଏକ ବିଶାଳ ରାଲି କରି କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲା ପାଳ ରମେଶ ଚନ୍ଦ୍ର ଜେନାଙ୍କୁ ମାନ୍ୟବର ରାଜ୍ୟ ପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଙ୍କ ଉଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ରାଲିରେ ବିଜେଡି କର୍ମୀ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା, ଶ୍ରୀବଚ୍ଛ ବେହେରା, ରାଜେନ୍ଦ୍ର ପାଢ଼ୀ, ରାଧା ମୋହନ ମହାପାତ୍ର, ସମ୍ପାଦକ ଜଳନ୍ଧର ବେହେରା, ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ପାୟଲ ବେହେରା, ବିଜେଡି ମହିଳା ସଭାନେତ୍ରୀ ପୁନମ କଂହର, ପୂର୍ବତନ ବିଜେଡି ସଭାପତି ସରୋଜ କର୍ଣ୍ଣ, ଉପସଭାପତି ଗୁନା ମହାପାତ୍ର, ବରିଷ୍ଠ ନେତା କୈଳାଶ ମୁଖି, ବିକ୍ରମ ବେହେରା, ଆନ୍ତର୍ଜାମୀ ବେହେରା, ମୃତ୍ୟୁଞ୍ଜୟ ପେରା, ମାଧବୀ ମିଶ୍ର ଟୁକୁନ୍ଦର ସେଠି, ମିଳିତ ମଞ୍ଚ ତଥା ଆଦିବାସୀ ଯୁବ ନେତା ସମୀର ପାଢ଼ୀ, ବରିଷ୍ଠ ନେତା ପଞ୍ଚାନନ କଂହର, ସୁଧୀର କଂହର ସମେତ ସାଧାରଣ ଜନତା ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ ।

## ପିଏମଶ୍ରୀ ବାଳିକା ସେବାଶ୍ରମ ସ୍କୁଲ୍‌ରେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୬।୧ (ନି.ପ୍ର.): କନ୍ଧମାଳ ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗତକାଲି ବୁଧବାରଫିରିଙ୍ଗିଆ ବ୍ଲକ୍‌ଅନ୍ତର୍ଗତ ନେଡିପଦର ସ୍ଥିତ ପି.ଏମଶ୍ରୀ ବାଳିକା ସେବାଶ୍ରମ ସ୍କୁଲ୍ ପରିଦର୍ଶନକରିଥିଲେ । ମୁଖ୍ୟ ଶାସନ ସଚିବଙ୍କ ଏହି ବିଦ୍ୟାଳୟ ପରିଦର୍ଶନ ଛାତ୍ରୀମାନଙ୍କ ପାଇଁ ଏକ ଅଭୁଲା ଓପ୍ରେରଣାଦାୟକ ସ୍ମୃତି ହୋଇ ରହିବ । ମୁଖ୍ୟ ଶାସନ ସଚିବ ବିଦ୍ୟାଳୟ ପରିଦର୍ଶନ ସମୟରେ ଆଦିବାସୀଛାତ୍ରୀମାନଙ୍କ ସହ ଅତି ଆତ୍ମୀୟତାର ସହିତ କଥା ହୋଇଥିଲେ , ପାଠ ପଢାଇଥିଲେ ।ସେମାନେ ଭବିଷ୍ୟତରେ କ'ଣ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ପଚାରିଥିଲେ । ସେମାନଙ୍କ ମଧ୍ୟରୁ କେହିକେହି ଆଇନଜୀବୀ, କେହି କ୍ରୀଡ଼ାବିତ୍ ଆଉ କେହି ସିଭିଲ ସେବା



ଅଧିକାରୀ ବା ପ୍ରଶାସନିକ ସେବା ଅଧିକାରୀହେବା ପାଇଁ ଆକାଂକ୍ଷା ପ୍ରକାଶ କରିଥିଲେ । ସାମାଜିକ ଓ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ଏହିଛାତ୍ରୀମାନଙ୍କ ଆକାଂକ୍ଷା ଓ ଆତ୍ମବିଶ୍ୱାସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ।ମୁଖ୍ୟ ଶାସନ ସଚିବ ସେବାଶ୍ରମର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ପ୍ରୟାସ୍ ପ୍ଲସ୍ ଓ ଜ୍ଞାନ ସମୃଦ୍ଧି ପରି ଯୋଜନାଗୁଡ଼ିକ ଉପରେ ଆଲୋଚନା କରି, ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓଫଳାଫଳରେ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ସେଛାତ୍ରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ, ଯାହାକି ଅତ୍ୟନ୍ତ ସ୍ନେହଭରା ଓ ହୃଦୟସ୍ପର୍ଶୀ ଥିଲା । ଏହି ପରିଦର୍ଶନ ସମୟରେ କନ୍ଧମାଳ ଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳ ମଧ ଉପସ୍ଥିତ ଥିଲେ ।ପ୍ରୋତ୍ସାହନ ଓ ସୁଯୋଗ ମିଳିଲେ ସାଧାରଣ ପରିସ୍ଥିତିରୁ ଆସୁଥିବା ଛାତ୍ରଛାତ୍ରୀମାନେ ଯେ ଅସାଧାରଣ ସଫଳତା ହାସଲ କରିପାରନ୍ତି ଏବଂ ସେମାନଙ୍କର ସ୍ୱପ୍ନ ସାକାର ହୋଇପାରେ, ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଜନଜାତି ଛାତ୍ରଛାତ୍ରୀମାନଙ୍କ ସହ ଏହି ସାକ୍ଷାତ ଆଲୋଚନା ,ସେମାନଙ୍କ ସହିତ ସମୟ ଅତିବାହିତ କରିବା, ଭୋଜନ କରିବା ଓ ପ୍ରେରଣା ଦେବା, କୋମଳମତିଛାତ୍ରୀମାନଙ୍କ ମନୋବଳକୁ ନିଶ୍ଚିତ ଭାବେ ଦୃଢ କରିଥିବ ।

## ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର, ୧୬।୧ (ନି.ପ୍ର.: ଚଳିତ ଖରିଫ ବିପଣନ ୨୦୨୫-୨୬ ଋତୁ ପାଇଁ ମାଣ୍ଡିଆ, ଡାଲି ଏବଂ ତୈଳବୀଜ ଜାତୀୟ ଫସଲର କ୍ରୟ ନିମନ୍ତେ ସ୍ଥାନୀୟ ଖଣ୍ଡୀୟ ବନ ଅଧିକାରୀଙ୍କ ସଭାଗୃହରେ ଜିଲ୍ଲାପାଳ ଗୌରବ୍ ଶିବାଜୀ ଇସଲାଓ୍ୱାଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ




କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ତରଣୀ ସୁନା, ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏବଂ ଟିଟିଲାଗଡ ଉପ-ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ ।

ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହା, ଶ୍ରୀ ଅନ୍ନ ଅଭିଯାନ ଓ ଅନ୍ୟ ଯୋଜନାଗୁଡିକର ତଥ୍ୟ ଉପସ୍ଥାପନ କରିଥିଲେ । ମୋଟ ୨୧ ଗୋଟି ମଣ୍ଡି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୪,୮୮୬ ଟଙ୍କା ହିସାବରେ, ବଲାଙ୍ଗୀର ଜିଲ୍ଲାର ୭ ଟି ବ୍ଲକ ଯଥା ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେଇକେଲା, ଖପ୍ରାଖୋଲ, ପାଟଣାଗଡ, ଟିଟିଲାଗଡ ଓ ବେଲପଡାରେ ଆସନ୍ତା ଜାନୁୟାରୀ ମାସ ୧୯ ତାରିଖ ଠାରୁ ସାପ୍ତାହିକ ତିନି ଦିନ ମଣ୍ଡି ଖୋଲା ଯାଇ ୨୪,୯୫୨ କ୍ୱିଣ୍ଟାଲ୍ ମାଣ୍ଡିଆ କ୍ରୟ ପାଇଁ ସ୍ଥିର କରାଗଲା । ବ୍ଲକସ୍ତରୀୟ କ୍ରୟ ସଂସ୍ଥାଗୁଡିକୁ ବ୍ଲକଗୁଡିକର ନିର୍ଦ୍ଧାରିତ ଲକ୍ଷ୍ୟ ପରିମାଣରେ ଏଫଏକ୍ୟୁ ମାନର ମାଣ୍ଡିଆ କ୍ରୟ କରିବା ପାଇଁ ପରାମର୍ଶ ଦିଆଗଲା । ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାର ୭ଟି ବ୍ଲକଗୁଡିକୁ ମାଣ୍ଡିଆ ସହିତ ଡାଲି ଓ ତୈଳ ଜାତୀୟ ଶସ୍ୟଗୁଡିକର ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅଧିକ ପ୍ରାଧାନ୍ୟ ଦେବାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାସହ ଜିଲ୍ଲାରେ ରପ୍ତାନି ମାନର ଶସ୍ୟ ଉତ୍ପାଦନ କରିବାକୁ ଆଲୋଚନା କରିଥିଲେ । ପୁନଶ୍ଚ ସେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଚାଷୀଙ୍କ ଅନ୍ୟ ରାଜ୍ୟକୁ କ୍ଷେତ୍ରପରିଦର୍ଶନ କାର୍ଯ୍ୟକ୍ରମ ରଖିବାକୁ କହିଥିଲେ । ମଣ୍ଡି ଗୁଡିକରେ ଚାଷୀମାନଙ୍କର ମାଣ୍ଡିଆ ବିକ୍ରୟ ପାଇଁ ଯେପରି କୌଣସି ଅସୁବିଧା ନହୁଏ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଗଲା । ମାଣ୍ଡିଆ ବିକ୍ରୟର ତିନି ଦିନ ଭିତରେ ଚାଷୀଙ୍କ ବିକ୍ରୟ ମୂଲ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଟିଡିସିସିଓଏଲ ପ୍ରଦାନ କରିବେ । ଏହି ବୈଠକରେ ସମବାୟ ସମିତି ସମୂହର ଉପ-ନିବନ୍ଧକ, ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ, ଆର୍.ଏମ.ସି. ସମ୍ପାଦକ, ଜିଲ୍ଲା ପରିଚାଳକ ଟିଡିସିସିଓଏଲ୍, ନାଫେଡ ଓ ମାର୍କଫେଡର ପରିଚାଳକ, କୃଷି ବିଭାଗର ସମସ୍ତ ଅଧିକାରୀ, ବେସରକାରୀ ସଂଗଠନ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଗୁଡିକର ସଦସ୍ୟ ଯୋଗଦେଇଥିଲେ ।

## ବରିଷ୍ଠ ସମାଜ ସେବୀ ଦୁଃଶାସନ ସାହୁଙ୍କ ପରଲୋକ

ଯୋଡ଼ା, ୧୬।୧ (ନି.ପ୍ର.): କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନିସିପାଲଟି ପୌରାଧ୍ୟକ୍ଷଙ୍କ ପିତା ୯୨ ବର୍ଷ ଦୁଃଶାସନ ସାହୁଙ୍କ ଗତକାଲି ରାତ୍ର ୧୧ଘ ୩୮ ମିନିଟ ସମୟରେ ଭୁବନେଶ୍ୱରସ୍ଥିତ ଆପୋଲୋ ମେଡିକାଲରେ ପରଲୋକ ହୋଇଯାଇଛି । ଗତ ଦୁଇ ଦିନ ପୂର୍ବରୁ ତାଙ୍କ ଦେହ ଶୋଚନୀୟ ଖରାପ ହେବାରୁ ତାଙ୍କୁ ମେଡିକାଲରେ ଆଡ଼ମିଶନ କରାଯାଇ ଥିଲା ।ତେବେ ସେ ଜଣେ ବିଶିଷ୍ଟ ସମାଜ ଦେବୀ ପରୋପକାରୀ ବ୍ୟକ୍ତି ବିଶେଷ ବୋଲି



ଯୋଡ଼ା ରେ ଘରେ ଘରେ ଅବାଳ ବୃଦ୍ଧ ବନିତା ଙ୍କ ନିକଟରେ ପରିଚିତ ।ଯୋଡ଼ା ସ୍ଥିତ ମା ଲକ୍ଷ୍ମୀ ମନ୍ଦିର ରେ ତାଙ୍କର ଯୋଗଦାନ ଅତୁଳନୀୟ । ଯୋଡ଼ା ଉନ୍ନତିରେ ତାଙ୍କ ଭୂମିକା ଅଗ୍ରଗଣ୍ୟ । ଯୋଡ଼ାରେ ଅନେକ ଜନସାଧାରଣ ତାଙ୍କ ସାହାଯ୍ୟ ସହଯୋଗ ପାଇଥିବାର ନଜିର ଅଛି ।ତେବେ ତାଙ୍କ ଜନ୍ମ ସ୍ଥାନ କଳିକା ପ୍ରସାଦ ହୋଇଥିବାବେଳେ ତାଙ୍କ ମୃତ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ରେ ପଞ୍ଚଭୂତରେ ଲୀନ କରାଇ ବାକୁ ନିଆଯାଇ ଅଛି ।

## ପିଏମ୍‌ଶ୍ରୀ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର 'ପିଏମ୍ ଶ୍ରୀ ଉତ୍ସବ'



ଭଦ୍ରକ, ୧୬।୧ (ନି.ପ୍ର.): ସ୍ଥାନୀୟ ପିଏମ୍ ଶ୍ରୀ ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର 'ପିଏମ୍ ଶ୍ରୀ' ଉତ୍ସବ ପାଳିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ମାନ୍ୟବର ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ତାଙ୍କର ବକ୍ତବ୍ୟରେ ପିଏମ୍ ଶ୍ରୀ ବିଦ୍ୟାଳୟ କିପରି ଅନ୍ୟସମସ୍ତ ବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ ତାହାର ଆହ୍ୱାନ ଦେଇଥିଲେ । ଉତ୍ସବଟିକୁ ସରସ ସୁନ୍ଦର ତଥା ମହା ସମାରୋହରେ ଆୟୋଜନ କରାଯାଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଶିକ୍ଷା କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର କାର୍ଯ୍ୟଧାରା ଓ ଗୁରୁତ୍ୱ ବଖାଣିଥିଲେ । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର ଭୂମିକା କିପରି ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶରେ ସହାୟକ ତାହା ସରଳ ଭାବେ ବୁଝାଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶରେ ଜାତୀୟ ଶିକ୍ଷାନୀତି -୨୦୨୦ ର ଭୂମିକା ଆଲୋଚନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ । ବରିଷ୍ଠ ଶିକ୍ଷକ ରବିନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ତରୁଣ କୁମାର ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ସଭାରେ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭଦ୍ରକ, ରସାୟନ ବିଭାଗ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ଯୋଗ ଦେଇଥିଲେ । ଉତ୍ସବରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ପୁରସ୍କାର ବିତରଣ କରାଯାଇଥିଲା । ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ଯାତ୍ରା, ଭଜନ ଓଡ଼ିଶା-୨୦୨୬ ଓ ଟ୍ୟାଲେଣ୍ଟ ଗ୍ୟାଲେରୀ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମଟିର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ପରିଚାଳନାଗତ ସହଯୋଗ କରିଥିଲେ ।

## ଖୋଲିଲା ପ୍ରଥମ ଧାନମଣ୍ଡି

ପିପିଲି, ୧୬।୧ ପିପିଲି ବ୍ଲକର ସାତଶଂଖ ଠାରେ ଥିବା ସରସ୍ୱତିପୁର କୃଷକ ସେବା ସମବାୟ ସମିତିରେ ଶୁକ୍ରବାର ବ୍ଲକର ପ୍ରଥମ ଧାନ ମଣ୍ଡି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ବିଧାୟକ ଶ୍ରୀପଟ୍ଟନାୟକ କହିଥିଲେ ଧାନ କିଣିବାରେ କୌଣସି ଅସୁବିଧା ନଥିବା ଏବଂ ସହଜ ପକ୍ରିୟା ହିଁ ଆମ ସରକାରର ପ୍ରାଥମିକତା । ପୂର୍ବ ବର୍ଷ ଅପେକ୍ଷା ଚଳିତ ଖରିଫ ରେ ଜିଲ୍ଲାରେ ଦଶ ହଜାର ଅଧିକ ଚାଷୀ ଖରିଫ ଧାନ କିଣାରେ ପଞ୍ଜିକୃତ କରିଛନ୍ତି ।ଏଥିରେ ଅନ୍ୟତମ ଅତିଥି ଭାବେ ପୁରୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସଂଜୀବ ସାହୁ, ଜିଲ୍ଲା ସହକାରୀ ରେଜିଷ୍ଟର କୋ ଅପରେଟିଭ ସୋସାଇଟି ସନାତନ ବେହେରା, ପିପିଲି ବିଡ଼ିଓ ସରୋଜ ରାଉତ, ପିପିଲି ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ଦୀପ୍ତୀ ରଞ୍ଜନ ଇନ୍ଦ୍ରସିଂହ, ସମିତିର ସଭାପତି ଦିବାକର ପରିଡା, ସମ୍ପାଦକ ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## କିଟ୍‌ରେ ଚେସ୍ ମହାକୁମ୍ଭ ଉଦ୍‌ଯାପିତ

ଭୁବନେଶ୍ୱର, ୧୫ ।୧: ଜାନୁଆରୀ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି କିଟ୍‌ରେ ଚାଲିଥିବା ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଗତକାଲି ଉଦ୍‌ଘାଟନ କରିଥିଲେ ।

ଆଜି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଫିଡେ ସଭାପତି ଆର୍କାଡି ଡୋର୍କୋଭିଚ୍ ନିୟମିତ ଅଭ୍ୟାସ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ, ଯୁବ ଖେଳାଳିମାନଙ୍କୁ ଚେସ୍ ପାଇଁ ଦିନକୁ ଅତି କମରେ ଚାରି ଘଣ୍ଟା ଦେବା ସମୟ ଦେବାକୁ ପଡ଼ିବ । ଚେସ୍ ଧୈର୍ଯ୍ୟଶୀଳ, ନିଷ୍ପତ୍ତିନେବାର ଦକ୍ଷତା ଓ ଦାୟିତ୍ୱବୋଧ ସୃଷ୍ଟି କରିଥାଏ । ସମାଜର ସମସ୍ତ ବର୍ଗରେ ଚେସ୍‌କୁ ପହଞ୍ଚାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଫଳରେ ଏହାର ଲାଭ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଥିଲେ । ପରେ ଡୋର୍କୋଭିଚ୍ କିସ୍ କ୍ୟାମ୍ପସ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । କିସ୍ ଭଳି ଏକ ସୁନ୍ଦର ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ତୁମମାନଙ୍କୁ ଏକ ସୁନ୍ଦର ଓ ପରିପୂର୍ଣ୍ଣ କ୍ୟାମ୍ପସ ମିଳିଛି । ଏଠାରେ ଖୁସିରେ ରହିଆଗକୁ ବଢ଼ିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଚେସ୍ ଖେଳକୁ



ତୃଣମୂଳସ୍ତର ଅର୍ଥାତ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନେ ଆପଣାଇବାକୁ ସେ କହିଥିଲେ । ଫିଡେ ଉପ-ସଭାପତି ଓ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଦାନା ରେଜିନିସ୍ ଚେସ୍ ସହିତ ତାଙ୍କର ବ୍ୟକ୍ତିଗତ ଯାତ୍ରାବିଷୟରେ ସୂଚନା ଦେବା ସହ କହିଲେ, ସେ ଆଠ ବର୍ଷ ବୟସରୁ ଏହି ଖେଳ ଆରମ୍ଭ କରିଥିଲେ ଏବଂ ସପ୍ତାହରେ ପ୍ରାୟ ଛଅ ଦିନ ଅଭ୍ୟାସ କରୁଥିଲେ । ଚେସ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ଥିରତା, ଶୃଙ୍ଖଳା, ରଣନୈତିକ ଚିନ୍ତାଧାରା ଓ ମାନସିକ ଶକ୍ତି ପାଇଁ ସେ ବୃତ୍ତିଗତ ସଫଳତା ପାଇବା ସହ ତାଙ୍କର ମାନସିକ ସ୍ଥିରତା ଆସି ପାରିଛି ବୋଲି ଦାନା କହିଥିଲେ । ଏହି ଅବସରରେ ଫିଡେର ଏଜୁକେସନାଲ୍ ଚେସ୍ କମିଶନ ମୁଖ୍ୟ ଜେରିନାଗା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଜୀବନର ଜଟିଳ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଚେସ୍ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ଏହି ସମ୍ମିଳନୀ ଶିକ୍ଷା ବ୍ୟବସ୍ଥା ଓ ସମାଜ ମଧ୍ୟରେ ଚେସ୍‌କୁ ଅର୍ଥପୂର୍ଣ୍ଣ ଭାବରେ ରଖିବା ପାଇଁ ବିଶ୍ୱ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁଛି ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ରୀଡ଼ାର ବୌଦ୍ଧିକ ଓ ସାମାଜିକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି କହିଲେ, ଚେସ୍ ମାନସିକ କ୍ଷମତାକୁ ତୀକ୍ଷ୍ଣ କରିବା ସହ ଜ୍ଞାନ-କେନ୍ଦ୍ରିକ ବୁଦ୍ଧିମତ୍ତାର ବିକାଶ କରିଥାଏ । ଶିକ୍ଷା, ଅନ୍ତର୍ଭୁକ୍ତି ଓ ସାମାଜିକ ଉନ୍ନତି ପାଇଁ ଚେସକୁ ଏକ ମାଧ୍ୟମ ଭାବରେ ପ୍ରୋତ୍ସାହିତ କରିବା ପାଇଁ କିଟ୍‌ର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋନାଲିସା ମୋଟରସ ପକ୍ଷରୁ ଟାଟା ସିଏରାର ବଜାର ପ୍ରବେଶ

ଅନୁଗୋଳ, ୧୬।୧ (ନି.ପ୍ର.): : ନାଲକୋନଗର ମୋନାଲିସା ମୋଟରସ୍ ?ରେ ଟାଟା ସିଏରା କାରର ବଜାର ପ୍ରବେଶ ଗୁରୁବାର ସଂଧ୍ୟାରେ ସମାରୋହ ଆୟୋଜିତ ହୋଇଯାଇଛି । ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂଆ ସିଏରା କାରର ଲଞ୍ଚିଂ ସମାରୋହକୁ ଉଦ୍ ?ଘାଟନ କରିଥିଲେ ।ସମାରୋହରେ ସମ୍ମାନିତ ଅତିଥି ଭାବେ ଏସ୍ ?ବିଆଇ, ଏସ୍‌ଏମ୍ ?ଇ ଅନୁଗୋଳର ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ତ୍ରିପାଠୀ, ନାଲକୋ ଆଇଓବିର ମୁଖ୍ୟ ପ୍ରବନ୍ଧକଙ୍କ ସମେତ ପରିବହନ ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ । ସମାରୋହରେ ମୋନାଲିସା ମୋଟରସ୍ ?ର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର ପାଣି ଯୋଗ ଦେଇ ସଂସ୍ଥାର ଗ୍ରାହକ ସେବା ଓ ଟାଟାର ଉତ୍ତମ ବୈଶିଷ୍ଟ୍ୟ ଯୋଗୁଁ ସିଏରା ମଡେଲ ଗ୍ରାହକ ମାନଙ୍କ ପ୍ରଥମ ପସନ୍ଦ ହୋଇପାରିବ ବୋଲି ଆଶା କରିଥିଲେ ।ସିଏରାର ପାୱାର ଷ୍ଟିୟରିଂ, ଆଣ୍ଟି ଲକ୍ ବ୍ରେକିଙ୍ଗ ସିଷ୍ଟମ, ଉତ୍ତମ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା, ଏୟାର ବ୍ୟାଗ୍, ଆରାମଦାୟକ ବସିବା ବ୍ୟବସ୍ଥା ଆଉ ଆକର୍ଷଣୀୟ ଗ୍ରାଫିକ୍ସ ଉପରେ କମ୍ପାନୀ ପକ୍ଷରୁ



ଘୋଷଣା କରାଯାଇଥିଲା । ଭି.ଜେରାକେଶ ମଞ୍ଚ ପରିଚାଳନା କରିଥିଲେ ଓ ନାଲକୋ ଓ ଅନୁଗୋଳ ଅଞ୍ଚଳର ବହୁ ବ୍ୟବସାୟୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ମାନେ ସମାରୋହରେ ଯୋଗ ଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ